# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ:୨, ସଂଖ୍ୟା: ୪୩, ଭୁବନେଶ୍ୱର, ସେପ୍ଟେମ୍ବର ୦୮-୧୪, ୨୦୨୫, Vol: 2, Issue: 43, Bhubaneswar, September- 08-14, 2025 Pages- 8


# ରାଜନୀତିରେ ଅପଶବ୍ଦ ଏକ ନୂତନ ଲଜ୍ଜା

**ବିମଳ ଅଗ୍ରୱାଲ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରତିକ୍ରିୟା ପରେ ବିହାରରେ ପ୍ରଧାନମନ୍ତ୍ରୀଙ୍କ ମାଆଙ୍କୁ ନେଇ ଗାଳି ଘଟଣାର ଜାତୀୟ ଖବରକାଗଜ, ବୈଦ୍ୟୁତିକ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଆଲୋଚନା ତୀବ୍ର ହୋଇଛି। ତେବେ ରାଜନୀତିରେ କ୍ରମାଗତ ଭାବେ ନିମ୍ନଗାମୀ ଭାଷାର ସ୍ତରର ନିଃସର୍ତ୍ତ ନିନ୍ଦା ଅପେକ୍ଷା କେଉଁ ବ୍ୟକ୍ତି କିମ୍ବା କେଉଁ ଦଳ କିଭଳି ଗାଳି ଦେଇଥିଲେ ତାହାକୁ ଦୋହରାଯାଇ ଏହି ହୀନ ବକ୍ତବ୍ୟର ତୁଳନାତ୍ମକ ଚିତ୍ର ଅଙ୍କାଯାଉଛି। ଦଳୀୟ ସମ୍ପୃକ୍ତି ଅନୁଯାୟୀ ଏହି ନୀଚତାର ସମର୍ଥନ କିମ୍ବା ବିରୋଧ କରାଯାଉଛି। ଏହାହିଁ ଆଜିକାର ତର୍କର ତରିକା ହୋଇଯାଇଛି। ସମସ୍ତ ପ୍ରସଙ୍ଗକୁ ଦଳୀୟ ନିକିତିରେ ତଉଲି, ତୋ ଭୁଲ ମୋ ଭୁଲଠାରୁ ଗୁରୁତର ଦର୍ଶାଇ ନିଜ ଭୁଲକୁ ଯୁକ୍ତିଯୁକ୍ତ ଦର୍ଶାଯାଉଛି। ନିଜ ଭୁଲପାଇଁ ଅନୁତାପ ସହିତ ତାର ସୁଧାର ପାଇଁ ଚେଷ୍ଟା କରିବା ପରିବର୍ତ୍ତେ ଅନ୍ୟର ଭୁଲର ଉଦାହରଣ ଦିଆଯାଇ ତାହାକୁ ଯଥାର୍ଥ ଦର୍ଶାଯାଉଛି। ତେବେ ଅତ୍ୟନ୍ତ ପରିତାପର ବିଷୟ ଭାଷାର ଶାଳୀନତାର ଉଲ୍ଲଙ୍ଘନ ଉଚ୍ଚତର ସୋପାନରେ ଅବସ୍ଥିତ ବ୍ୟକ୍ତିଙ୍କ ଦ୍ୱାରା ହିଁ ଅଧିକ ପରିମାଣରେ ହେଉଛି। ସମସ୍ତ ଦଳରେ ଏବେ ପ୍ରାୟ ସମାନ ଅବସ୍ଥା। ଯିଏ ଯେତେ ଅଧିକ ଗାଳି ଦେଇପାରିଲା ସେ ସେତିକି ବଡ ନେତା ଭାବରେ ଗଣାହେଉଛନ୍ତି ଏବଂ ସେଇ ଆଧାରରେ ଲୋକପ୍ରିୟତା ମଧ୍ୟ ମପାଯାଉଛି। ଗଣମାଧ୍ୟମ ତର୍କରେ, ସାଧାରଣସଭାର ଭାଷଣରେ, ସଂସଦ ଓ ବିଧାନସଭାର ଆଲୋଚନାରେ ଏବଂ ସାଧାରଣ କଥାବାର୍ତ୍ତାରେ ଭାଷାରେ ଶାଳୀନତାର ଏବେ ଘୋର ଅଭାବ। ପରିତାପର ବିଷୟ ଏହିକି ଯେ ସମାଜର ସିଂହଭାଗ ସାଧାରଣ ଲୋକ, ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନ ଏହି ଧାରାକୁ ସମର୍ଥନ କରୁଛନ୍ତି ଯାହାକି ଚିନ୍ତାଜନକ ବିଷୟ। ଯେଉଁ କିଛି ପୁରୁଣା ସମ୍ମାନିତ ବା ପରମ୍ପରାକୁ ଭୁଲିନଥିବା ବ୍ୟକ୍ତିବିଶେଷ ଅଛନ୍ତି ସେମାନେ ଦଳୀୟ ସମ୍ପୃକ୍ତି କିମ୍ବା ଅନ୍ୟାନ୍ୟ କାରଣରୁ ନୀରବ ରହି ପରୋକ୍ଷ ସମର୍ଥନ କରିବାକୁ ବାଧ୍ୟ ହେଉଛନ୍ତି, ମହାଭାରତ ବର୍ଣ୍ଣିତ କୁରୁସଭାର ବିଦ୍ୱାନ ସଭାସଦଙ୍କ ଭଳି। ତେବେ ପୂର୍ବରୁ କଣ ରାଜନୀତିରେ ବିରୋଧି ନଥିଲେ ନା ସମାଲୋଚନା ହେଉନଥିଲା ?

ବର୍ତ୍ତମାନ ଏ ସ୍ଖଳନ କାହିଁକି ? ପ୍ରଥମ କଥା ହେଲା ସେତେବେଳେ ରାଜନୀତି ବିଚାରଧାରା କୈନ୍ଦ୍ରିକ ଥିଲା। ତେଣୁ ବିଚାରଧାରାର ଆଲୋଚନା ଓ ସମାଲୋଚନା ହେଉଥିଲା।ରାଜନେତାମାନେ ଶିକ୍ଷିତ, ସମ୍ଭ୍ରାନ୍ତ ଓ ସମାଜରେ ବହୁତ ସମ୍ମାନିତ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ବିଚାରଧାରାର ସମର୍ଥନ କିମ୍ବା ବିରୋଧ କରିବାକୁ ଅପଶବ୍ଦର ଆବଶ୍ୟକତା ପଡୁନଥିଲା। ବର୍ତ୍ତମାନ ରାଜନୀତି ବ୍ୟକ୍ତିକୈନ୍ଦ୍ରିକ ହୋଇଯାଇଛି। ନେତୃତ୍ୱ ପ୍ରତି ବ୍ୟକ୍ତିଗତ ଆନୁଗତ୍ୟ ରାଜନୀତିରେ ସଫଳତାର ମାନଦଣ୍ଡ ହୋଇଛି। ବ୍ୟକ୍ତିକେନ୍ଦ୍ରିକ ରାଜନୀତିରେ ବିଚାରଧାରା ନୁହେଁ ବ୍ୟକ୍ତିକୁ ସମର୍ଥନ କିମ୍ବା ବିରୋଧ କରାଯାଉଥିବାରୁ ଆକ୍ଷେପ ଓ ପ୍ରତିଆକ୍ଷେପ ବ୍ୟକ୍ତି ପ୍ରତି ହିଁ ହେଉଛି ଏବଂ ଯୁକ୍ତି ଅଭାବରେ କେବଳ ବ୍ୟକ୍ତିଗତ ଜୀବନ ଓ ଚରିତ୍ରସଂହାର କରାଯାଉଛି। ବର୍ତ୍ତମାନ ରାଜନୀତିରେ ସମସ୍ତ ଦଳରେ ଅପରାଧପ୍ରବଣ ନେତା ଓ କର୍ମକର୍ତ୍ତାଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। ସମସ୍ତ ବିଧାନସଭା ଓ ସଂସଦରେ ହତ୍ୟା, ଦୁଷ୍କର୍ମ ଏବଂ ଜାଲିଆତି



ଭଳି ଗର୍ହିତ ଅପରାଧରେ ସଂଶ୍ଳିଷ୍ଟ ଓ ଅଭିଯୁକ୍ତଙ୍କ ସଂଖ୍ୟା କ୍ରମାଗତ ଭାବେ ବଢିଚାଲିଛି। ରାଜନୀତିରେ ଅପରାଧପ୍ରବଣତାର ପ୍ରାବଲ୍ୟ ରାଜନୈତିକ ସମ୍ବାଦକୁ ହିଂସାତ୍ମକ ମୋଡ ଦେବା ସହିତ ସମାଜର ତଳ ସ୍ତରକୁ ଏହି ଦିଗରେ ପ୍ରଭାବିତ କରୁଛନ୍ତି। ସମସ୍ତ ବଡ ଏବଂ କୁଜିନେତା ଏବେ ନିଜ ସମର୍ଥକମାନଙ୍କର ସେନା ଗଢିଛନ୍ତି ସତେ ଯେମିତି ଯୁଦ୍ଧ କରିବାକୁ ଯାଉଛନ୍ତି। ଭିନ୍ନ ବିଚାରଧାରାର ସମ୍ମାନ ଉପରେ ପ୍ରତିଷ୍ଠିତ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ମତାନ୍ତର ଏବେ ମନାନ୍ତରରେ ପରିଣତ ହୋଇଛି। ନେତାମାନଙ୍କର ଅଧ୍ୟୟନର ଅଭାବରୁ ଆଲୋଚନା ତଥ୍ୟଭିତ୍ତିକ ଓ ବୌଦ୍ଧିକ ବଦଳରେ ବିଭ୍ରାନ୍ତିକର ଓ ହିଂସାତ୍ମକ ହେଉଛି। ଗଣମାଧ୍ୟମ ମାଲିକମାନଙ୍କର ରାଜନୈତିକ ସମ୍ପୃକ୍ତି ଅପଶବ୍ଦର ଏହି ଆତଙ୍କରେ ଅଙ୍କୁଶ ଲଗେଇବା ପରିବର୍ତ୍ତେ ଅଧିକ ଉତ୍ସାହିତ ଓ ପ୍ରସାରିତ କରୁଛି।ସାମାଜିକ ଗଣମାଧ୍ୟମରେ ଅତ୍ୟନ୍ତ ଅସଭ୍ୟ ଭାଷାରେ ଭିନ୍ନମତାବଲମ୍ବୀଙ୍କୁ ଗାଳିଦେବା ସମସ୍ତ ସୀମା ଟପିବାକୁ ବସିଲାଣି। ଗୋଟିଏ ପିଢିର ପାଖଣ୍ଡ ଅନ୍ୟ ପିଢି ପାଇଁ ପରମ୍ପରା ହୋଇଯାଏ। ରାଜନୈତିକ ସମ୍ବାଦରେ ଗାଳି ଓ ଅପଶବ୍ଦର ପ୍ରୟୋଗ ଏବେ ପରମ୍ପରା ହେବାକୁ ବସିଲାଣି। ଶୀର୍ଷ ସ୍ତରରୁ ଆରମ୍ଭ ହୋଇଥିବା ଏହି ପରମ୍ପରାକୁ ଶୀର୍ଷ ସ୍ତରର ଉଦ୍ୟମ ହିଁ ରୋକିପାରିବ। ସମୟ ଆସିଛି ଏଥିପାଇଁ ଏକ ଆଚାରସଂହିତା ପ୍ରସ୍ତୁତ କରିବାପାଇଁ, ଏବଂ ଏହି ଆଚାର ସଂହିତାକୁ ଆଚରଣରେ ପରିଣତ କରିବାପାଇଁ। ସମାଜର ସମସ୍ତ ବର୍ଗର ଲୋକେ ଅପଶବ୍ଦର ପ୍ରୟୋଗକୁ ସଚେତନ ଭାବେ ବିରୋଧ କଲେ ହିଁ ଏହା ରାଜନୈତିକ ଦଳ ଓ ନେତାମାନଙ୍କୁ ସତର୍କ କରିବ। ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ବିରୋଧିଦଳ ନେତାଙ୍କ ସମେତ ସମସ୍ତ ଦଳର ଶୀର୍ଷ ନେତୃତ୍ୱ ପୁର୍ବ ଭୁଲପାଇଁ କ୍ଷମାପ୍ରାର୍ଥନା ସହ ଆଗାମୀଦିନରେ ଏହାର ପୁନରାବୃତ୍ତି ନହେବା ପାଇଁ ପ୍ରସ୍ତୁତି ନକଲେ ଅପଶବ୍ଦ ଏକ ପରମ୍ପରା ହୋଇଯିବ ଏବଂ ସମସ୍ତେ ନିଜନିଜ ମାଆ ଭଉଣୀଙ୍କ ପାଇଁ ଅପଶବ୍ଦ ଶୁଣିବାରେ ଏବଂ ସହ୍ୟ କରିବାରେ ଅଭ୍ୟସ୍ତ ହେବାକୁ ପଡିବ। ଭାଷାର ଶାଳୀନତାକୁ ସର୍ବୋପରି ରଖି ଆମ ପୁର୍ବସୁରୀମାନେ କହି ଯାଇଛନ୍ତି ‘ସତ୍ୟଂ ବୃୟାତ୍ ପ୍ରିୟଂ ବୃୟାତ୍; ମା ବୃୟାତ୍ ସତ୍ୟମ୍ ଅପ୍ରିୟମ୍‘। ସୁତରାଂ ବର୍ତ୍ତମାନ ଆତ୍ମଚିନ୍ତନର ଓ ଆତ୍ମଶୁଦ୍ଧିର ସମୟ ଉପନୀତ।

- ରାଜନୀତିରେ ଗାଳିଗୁଲଜ ଏକ ନୂତନ ପରମ୍ପରା ହେବାକୁ ବସିଲାଣି
- ରାଜନୀତିରେ ଏବେ ବିଚାରଧାରା କମ୍ ବ୍ୟକ୍ତିକେନ୍ଦ୍ରିକ ଚିନ୍ତନ ଅଧିକ
- ଅପଶବ୍ଦ ପ୍ରୟୋଗର ଦଳମତ ନିର୍ବିଶେଷରେ ନିନ୍ଦା ହେବା ଉଚିତ
- ରାଜନୀତିକୁ ଅଧିକ ଅପରାଧୀ ଆସିବା ଏକ ଚିନ୍ତାଜନକ ବିଷୟ
- ଅଜଥା ବିବାଦରେ ନପଶି ନୀରବ ରହିବାକୁ ଉଚିତ ମଣୁଛନ୍ତି ଅଧିକାଂଶ ନେତା ଓ ବୁଦ୍ଧିଜୀବୀ
- ଦେଶରେ ସାଂଘାତିକ ରାଜନୈତିକ ପରିବେଶ ସୃଷ୍ଟି ହେଉଛି




# ସୁସ୍ଥ ଶରୀର ପାଇଁ ସୁନିଦ୍ରାର ଆବଶ୍ୟକତା



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ସୁସ୍ଥ ଶରୀର ପାଇଁ ସୁନିଦ୍ରାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର କର୍ମମୟ ଜୀବନରେ ନିଦ୍ରାହୀନତା ଏକ ବଡ ସମସ୍ୟା ରୂପେ ଉଭା ହୋଇଛି । ପ୍ରାୟ ଏକ ତୃତୀୟାଂଶ ଲୋକେ ନିଦ୍ରାହୀନତାର ଶିକାର ହେଉଛନ୍ତି । ଆମ ପୂର୍ବଜମାନେ ବିନା ବିଛଣାରେ ଗଭୀର ନିଦ୍ରା ଯାଉଥିଲା ବେଳେ ଆଜିର ପିଢ଼ି, ତୂଳିତପ୍ତ ଶଯ୍ୟାରେ ବି ଠିକ ଭାବରେ ଶୋଇ ପାରୁନାହାନ୍ତି ।

କ୍ରମାଗତ ନିଦ୍ରାହୀନତା (Insomnia) କେତେକ ଶାରୀରିକ ସମସ୍ୟା ସୃଷ୍ଟି କରିଥାଏ। ସେଗୁଡିକ ହେଲା ମେଦବୃଦ୍ଧି, ଅବସାଦ, ଆଳସ୍ୟ, ଉତ୍କଣ୍ଠା ,ଚିଡଚିଡା ସ୍ୱଭାବ, ହୀନମନ୍ୟତା ଓ ବାହ୍ୟ କାର୍ଯ୍ୟକୁଶଳତା ହ୍ରାସ। ଏହା ମଧ୍ୟ ହୃଦରୋଗ, କିଡନୀ ସମସ୍ୟା, ଉଚ୍ଚ ରକ୍ତଚାପ, ଡାଇବେଟିସ ଓ ଷ୍ଟ୍ରୋକର କାରଣ ହୋଇଥାଏ । ସୁନିଦ୍ରାବେଳେ ଶରୀରର ରକ୍ତ ଧମନୀସବୁ ଅଧିକ କ୍ରିୟାଶୀଳ ହୁଅନ୍ତି । ଆଭ୍ୟନ୍ତରୀଣ ଅଙ୍ଗ ମାନଙ୍କର ଆବଶ୍ୟକୀୟ ମରାମତି ଏହି ସମୟରେ ହୋଇଥାଏ । ଏପରିକି ଶରୀରରେ କୌଣସି କ୍ଷତ ଥିଲେ ଏହି ସମୟରେ ଭରିଥାଏ । ପରବର୍ତ୍ତୀ ଦିନପାଇଁ ଶରୀରକୁ ଶକ୍ତି ପ୍ରଦାନ କରେ ।

ନିଦ୍ରା ଶରୀର ପାଇଁ ଖାଦ୍ୟ ଓ ବ୍ୟାୟାମ ପରି ଏକ ଅଭ୍ୟାସ ଯାହାକୁ ଆପଣ ନିଜ ଇଚ୍ଛା ଅନୁସାରେ ନିୟନ୍ତ୍ରିତ କରି ପାରିବେ। ଆମ ଶରୀର ଏପରି ଏକ ଯନ୍ତ୍ର ଯାହାକି ନିୟମିତ ଅଭ୍ୟାସକୁ ସ୍ୱତଃ ଗ୍ରହଣ କରିନେଇଥାଏ । ଦିନକୁ ଦୁଇଥର ଖାଆନ୍ତୁ ଅଥବା ଚାରିଥର ନିର୍ଦ୍ଦିଷ୍ଟ ସମୟରେ ହିଁ ଭୋକ ହେବ । ଅଭ୍ୟାସରେ ପଡିଗଲେ, ଠିକ ସମୟରେ ବ୍ୟାୟାମ କରିବାକୁ ଇଛା ହେବ ।

ଶରୀରର ସମସ୍ତ ଜୈବିକ ଆବଶ୍ୟକତା କେବଳ ଅଭ୍ୟାସଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଉଦାହରଣ ସ୍ୱରୂପ ରେଳ ଲାଇନ କଡରେ ଘର କରି ରହୁଥିବା ଲୋକମାନେ ରାତିରେ ଶାନ୍ତିରେ ଶୁଅନ୍ତି କିନ୍ତୁ ସେମାନଙ୍କ ଘରକୁ ବୁଲି ଆସିଥିବା କୁଣିଆମାନେ ରେଳଶବ୍ଦରେ ଆଦୌ ଶୋଇ ପାରନ୍ତି ନାହିଁ । ସୀମାନ୍ତରେ ଗୁଳିଗୋଳା ଫୁଟୁଥିବା ଅବସ୍ଥାରେ ଜବାନମାନଙ୍କୁ ମାତ୍ର ୫ ମିନିଟ ମଧ୍ୟରେ ଗଭୀର ନିଦରେ ଶୋଇଯିବାକୁ ଏକ ସ୍ୱତନ୍ତ୍ର କୌଶଳ ପ୍ରଶିକ୍ଷଣ ଦିଆଯାଏ ।

ଏଠାରେ ନିଦ୍ରାହୀନତାର ନିରାକରଣର କେତେକ ଫଳପ୍ରଦ କୌଶଳ (ଟିପ୍ସ) ସେୟାର କରିବି ।ଶୋଇବାକୁ ଯିବା ଓ ନିଦରୁ ଉଠିବାର ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରନ୍ତୁ । ସ୍ୱଭାବିକ ଭାବେ ଶରୀର ୭ଘଣ୍ଟା ରୁ ୯ ଘଣ୍ଟା ନିଦର ଆବଶ୍ୟକତା ଥିଲା ବେଳେ ବୟସ୍କଙ୍କ ପାଇଁ ଏହା ୧ /୨ ଘଣ୍ଟା ହ୍ରାସ ଘଟିଥାଏ । ତେବେ ଏହା ସଂପୂର୍ଣ୍ଣ ନିଦର ଗୁଣାତ୍ମକମାନ ଉପରେ ନିର୍ଭରକରେ ।

ଦିବାନିଦ୍ରା ସଂପୂର୍ଣ୍ଣ ପରିହାର କରନ୍ତୁ । ଦିନରେ କର୍ମ ଚଞ୍ଚଳ ରୁହନ୍ତୁ । ପ୍ରାତଃଭ୍ରମଣ, ଯୋଗ ପ୍ରାଣାୟମ, ଗୃହକାର୍ଯ୍ୟ, ଅଫିସକାର୍ଯ୍ୟ ମାର୍କେଟିଂରେ ସମୟକଟାନ୍ତୁ । କୌଣସି ପରିସ୍ଥିତିରେ ଘୁମାନ୍ତୁ ନାହିଁ ।

କୌଣସି ଶାରୀରିକ ସମସ୍ୟା ନେଇ ଯଦି ଡ଼ାକ୍ତର ପରାମର୍ଶରେ ଏକ ନିର୍ଦ୍ଦିଷ୍ଟ ନିଦବଟିକା ବହୁ ବର୍ଷ ଧରି ଖାଇ ଆସୁଛନ୍ତି ତାହାକୁ ଅପଡେଟ କରାନ୍ତୁ । କାରଣ ଏବେ ନୂଆନୂଆ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଔଷଧ ବାହାରିଲାଣି ଯାହାକି ଶରୀରକୁ ଅଭ୍ୟସ୍ତ କରାଇନଥାଏ । ଡ଼ାକ୍ତରଙ୍କ ବିନା ପରାମର୍ଶରେ କୋ ?ଣସି ନିଦ ବଟିକା ଖାଆନ୍ତୁ ନାହିଁ।

ସନ୍ଧ୍ୟାପରେ ଚା କଫି କିମ୍ବା କୌଣସି ମାଦକ୍ୟ ଦ୍ରବ୍ୟ ସେବନ କରନ୍ତୁ ନାହିଁ । ସନ୍ଧ୍ୟାପରେ ଶାରୀରିକ ବ୍ୟାୟାମ ସଂପୂର୍ଣ୍ଣ ନିଷେଧ । ଏହା ସୁନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ । ରାତ୍ରିଭୋଜନ ହାଲୁକା ଭାବେ ଗ୍ରହଣ କରନ୍ତୁ

## ଜଣାଅଜଣା

। ଗରିଷ୍ଠ ଭୋଜନ, ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ରାତ୍ରିଭୋଜନ ସମୟରୁ ଶୋଇବାକୁ ଯିବା ସମୟଭିତରେ ଅନ୍ତତଃ ଦୁଇଘଣ୍ଟା ବ୍ୟବଧାନ ଆବଶ୍ୟକ । ଏହା ଭିତରେ ପାଚନ ପ୍ରକ୍ରିୟା ସମାପ୍ତ ହୋଇଥାଏ। ରାତ୍ରି ଭୋଜନ ପରେ ଟିଭି, କମ୍ପ୍ୟୁଟର, ମୋବାଇଲ ଆଦି ବ୍ୟବହାର କରନ୍ତୁ ନାହିଁ।

ସୁନିଦ୍ରା ପାଇଁ ଶୟନକକ୍ଷର ପରିବେଶ ପରିଷ୍କାର ପରିଛନ୍ନତା ଜରୁରୀ । ଶଯ୍ୟାକୁ କେବଳ ଶୋଇବା ପାଇଁ ବ୍ୟବହାର କରନ୍ତୁ। ଶେଯ ଉପରେ ପଢିବା, ଟିଭି ଦେଖିବା, ଓ ଖାଇବା ଆଦି କାର୍ଯ୍ୟ କରନ୍ତୁ ନାହିଁ । ଯେତେବେଳେ ଆପଣଙ୍କୁ ନିଦ ଲାଗିବ ସେତେବେଳେ ହିଁ ବିଛଣାକୁ ଯାଆନ୍ତୁ । ସେ ପର୍ଯ୍ୟନ୍ତ ପୁସ୍ତକ ପଢନ୍ତୁ ଅଥବା ସୁମଧୁର ସଙ୍ଗୀତ ଶୁଣନ୍ତୁ । କିଛି ସମୟ ବାହାରେ କିମ୍ବା ଛାତ ଉପରେ ବୁଲାବୁଲି କରନ୍ତୁ ।

ଶୋଇବାକୁ ଯିବା ପୂର୍ବରୁ ଗୋଡ ଧୁଅନ୍ତୁ । ମନକୁ ପ୍ରଫୁଲ୍ଲ ରଖି ସୁନିଦ୍ରା ପାଇଁ ମାନସିକ ଭାବେ ନିଜକୁ ପ୍ରସ୍ତୁତ କରନ୍ତୁ । ପରବର୍ତ୍ତୀ ଦିନ ପାଇଁ ମନରେ କୌଣସି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରନ୍ତୁନାହିଁ । ମନରେ ସକରାତ୍ମକ ଓ ଆଧାତ୍ମିକ ଭାବନା ଆଣନ୍ତୁ । ଦୁଃସ୍ୱପ୍ନକୁ ଏଡ଼ାଇବା ପାଇଁ ଓ ଶାନ୍ତିରେ ଶୋଇବା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ ।



ଯଦି ଶୋଇବାର ୨୦ ମିନିଟ ଭିତରେ ନିଦ ନ ଆସୁଛି ତେବେ ଆପଣ ଉଠିଆସନ୍ତୁ ଓ ପୂର୍ବବତ ନିଜକୁ ଅନ୍ୟ କାମରେ ନିୟୋଜିତ କରନ୍ତୁ । ୫ ମିନିଟ ଭିତରେ ନିଦକୁ ଆମନ୍ତ୍ରଣ କରିବା ପାଇଁ ଏକ ସ୍ୱତନ୍ତ୍ର କୌଶଳ ଆପଣାନ୍ତୁ । ଆପଣ ଏକ ଫୁଲବଗିଚା , ସମୁଦ୍ରକୂଳ କିମ୍ବା ମନ୍ଦିର ପ୍ରାଙ୍ଗଣରେ ଅଛନ୍ତି ବୋଲି କଳ୍ପନା କରନ୍ତୁ । ଜୀବନର ସୁମଧୁର ସ୍ମୃତିକୁ ସାଉଁଟି ମନେ ପକାନ୍ତୁ । ପାଟିବାଟେ ପାଞ୍ଚଥର ଦୀର୍ଘ ନିଶ୍ୱାସ ନେଇ ନାକ ବାଟେ ଛାଡ଼ନ୍ତୁ । ଜିଭର ଅଗ୍ରଭାଗକୁ ଉପର ମାଢି ଦାନ୍ତ ସହିତ ସଂଯୁକ୍ତ କରନ୍ତୁ । ମୁଖ ମଣ୍ଡଳର ମାଂସପେଶୀକୁ ସହଜ ତଥା ଢିଲା କରିଦିଅନ୍ତୁ ।

ଅନ୍ୟ ଏକ ଉପାୟଟି ହେଲା କାଳ୍ପନିକ ଭାବେ ଏକ ବ୍ଲାକବୋର୍ଡ ପାଖକୁ ଯାଆନ୍ତୁ । ବ୍ଲାକବୋର୍ଡରେ ୧୦୦ ଲେଖି ତାକୁ ଲିଭାଇ ଦେଇ ପୁନର୍ବାର ୯୯ ସଂଖ୍ୟା ଲେଖନ୍ତୁ। ତାପରେ ୯୮,୯୭,୯୬ ସଂଖ୍ୟା ଆଦି ଲେଖି କାଳ୍ପନିକ ଭାବେ ଲିଭାଇ ଚାଲନ୍ତୁ। କିଛି ସମୟ ଏପରି କଲେ ନିଦ ନିଶ୍ଚୟ ଆସିବ। ତେବେ ବୟସ୍କ ମାନେ ଦିନରେ ଶୋଇବା ଓ ରାତ୍ରିରେ ବାରମ୍ବାର ଉଠିବା ଯୋଗୁ ସେମାନଙ୍କର ରାତି ନିଦ ବ୍ୟାହତ ହୋଇଥାଏ।

ଶୋଇବା ଘର ସଂପୂର୍ଣ୍ଣ ଅନ୍ଧାର ରହିଲେ ଭଲ। ତେବେ ରୁମରେ ନିମ୍ନ ଭାଗରେ ବେଡଲାଇଟ ରଖିପାରନ୍ତି ।ୱାସ ରୁମକୁ ଯିବାବେଳେ ଘଣ୍ଟାକୁ ଆଦୌ ଚାହାନ୍ତୁ ନାହିଁ। ପ୍ରାକୃତିକ ଭାବେ ରାତ୍ରିର ଅନ୍ତକୁ ଅନୁଭବ କରି ଶଯ୍ୟାତ୍ୟାଗ କରନ୍ତୁ । ସବୁବେଳେ ଶୋଇବାକୁ ଯିବା ଓ ନିଦରୁ ଉଠିବା ସମୟ ନିର୍ଦ୍ଧାରିତ କରନ୍ତୁ । ରାତି ବେଳା ଅନ୍ତତଃ ୭ ଘଣ୍ଟା ଶୋଇବା ପାଇଁ ମନକୁ ଦୃଢ଼ କରନ୍ତୁ। ଏହି ସମସ୍ତ କୌଶଳ ପ୍ରୟୋଗ କରି ବିଫଳ ହେଲେ ତୁରନ୍ତ ଏକ ମନୋଚିକିତ୍ସକ ସହ ପରାମର୍ଶ କରନ୍ତୁ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ଉପକାରୀ ସଜନା ଫୁଲ

**ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାଗ । ଖାସ୍ କରି ଆଖିକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ସଜନା ସାଗ ଖାଇବା ପାଇଁ ଡାକ୍ତର ବି ପରାମର୍ଶ କରନ୍ତି । ଗାଁ ଗହଳୀ ଠାରୁ ଆରମ୍ଭ କରି ସହରୀଲୋକ ପର୍ଯ୍ୟନ୍ତ ସବୁ ସଜନା ପତ୍ରର ସାଗ ଓ ତାର ଛୁଇଁକୁ ତରକାରୀ କରି ଖାଇବାକୁ ଭାରି ଭଲ ପାଆନ୍ତି । ତେବେ ସଜନା ଛୁଇଁ ଏବଂ ସାଗ ସ୍ୱାସ୍ଥ୍ୟ ପାଇଁ ତ ଭାରି ହିତକାରୀ କିନ୍ତୁ ଏହାର ଫୁଲର ଗୁଣବତ୍ତା ବିଷୟରେ ଆପଣ ଜାଣିଛନ୍ତି କି ? ଛୁଇଁ ଅପେକ୍ଷା ସଜନାର ଫୁଲ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ଆସନ୍ତୁ ଜାଣିବା ...**



ପ୍ରୋଟିନ୍ ଓ ଅନେକ ପ୍ରକାରର ଭିଟାମିନରେ ଭରପୁର ସଜନା ଫୁଲ । ଏଣୁ ଏହାକୁ ସ୍ୱାସ୍ଥ୍ୟପାଇଁ ବେସ ଲାଭଦାୟକ ବୋଲି କୁହାଯାଏ । ସଜନା ଫୁଲ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ଶାରୀରିକ ସମସ୍ୟାରୁ ମୁକ୍ତି ମିଳିଥାଏ । ଅପରପକ୍ଷରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସଜନା ଫୁଲ ସହାୟକ ହୋଇଥାଏ । ଏହାକୁ ଖାଦ୍ୟରେ ସାମିଲ କଲେ ସଂକ୍ରମଣ ଜନିତ ରୋଗ କମ୍ ହୋଇଥାଏ । ସଜନା ଫୁଲରେ ଆଣ୍ଟି ଅକ୍ସିଡେଣ୍ଟ ଥିବାରୁ ଶରୀରକୁ କ୍ଷତି ପହଁଞ୍ଚାଉଥିବା ଫ୍ରି ରେଡକଲ୍ସର ପ୍ରଭାବ କମ୍ କରିବାରେ ଏହା ସହାୟକ ହୋଇଥାଏ ।

ସଜନା ଫୁଲରେ ଫାଇବରର ମାତ୍ରା ଅଧିକ ଥିବାରୁ ଏହା ଆପଣଙ୍କ ପାଚନ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏହାସହ ଫୁଲରେ ଆଣ୍ଟି ଅକ୍ସିଡେଣ୍ଟ ଥିବାରୁ ଏହା ପେଟରେ ସଂକ୍ରମଣ, ଅଲସର, ଗ୍ୟାସ ଭଳି ସମସ୍ୟାକୁ ଦୂର କରିଥାଏ । ଯଦି ଆପଣଙ୍କର ଓଜନ ଅସ୍ୱଭାବିକ ଭାବେ ବୃଦ୍ଧି ପାଉଛି ତେବେ ଆପଣଙ୍କ ପାଇଁ ସଜନା ଫୁଲ ରାମବାଣ ଭଳି କାମ କରିଥାଏ । ଏହି ଫୁଲରେ କ୍ୟାଲୋରୀଜେନିକ ଏସିଡ ନାମକ ଏକ ଆଣ୍ଟି ଅକ୍ସିଡେଣ୍ଟ ରହିଛି । ଯାହା ଶରୀରରେ ଜମାଟ ବାନ୍ଧୁ ଥିବା ଏକ୍ସଟ୍ରା ଚର୍ବିକୁ ତରଳାଇବାରେ ସହାୟକ ହୋଇଥାଏ । ଏହାସହ ଏହି ଫୁଲରେ ଫାଇବରର ମାତ୍ରା ଅଧିକ ଥିବାରୁ ଏହା ପାଚନତନ୍ତ୍ରକୁ ସୁସ୍ଥ ରଖିବା ସହ ଭୋକକୁ ବି କଣ୍ଟ୍ରୋଲ କରିଥାଏ । ପୁରୁଷ ମାନଙ୍କର ଶକ୍ତି ବୃଦ୍ଧି କରିବାରେ ବି ସଜନା ଫୁଲ ସହାୟକ ହୋଇଥାଏ । ଏହି ଫୁଲକୁ ଖାଦ୍ୟରେ ସାମିଲ କରିବା ଦ୍ୱାରା ଆଳସ୍ୟ ଓ ଦୁର୍ବଳତା ଦୂର ହୋଇଥାଏ । ଅନେକ ଥର ଦେଖିବାକୁ ମିଳିଥାଏ ଯେ ମହିଳାମାନେ ପିଲାଜନ୍ମ କରିବା ପରେ ସେମାନଙ୍କ ଶରୀରରେ କ୍ଷୀର ଉତ୍ପାଦନ କରିବାର ଶକ୍ତି କମଥାଏ । ଏଥିରୁ ମୁକ୍ତି ପାଇବାକୁ ସଜନା ଫୁଲକୁ ଖାଦ୍ୟରେ ସାମିଲ କରିବା ନିହାତି ଆବଶ୍ୟକ ।



## ଇସ୍କନ କର୍ତ୍ତୃପକ୍ଷଙ୍କୁ ଗଜପତି ଶୁଣାଇଲେ ଚରମ ବାଣୀ

# ଅଦିନରେ ରଥଯାତ୍ରା ଓ ସ୍ନାନଯାତ୍ରା ବନ୍ଦ କରାଯାଉ

ଭୁବନେଶ୍ୱର,(ଭିଓଭି): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖନିସୃତ ନିର୍ଦ୍ଦେଶ, ପବିତ୍ର ଶାସ୍ତ୍ର ତଥା ମହର୍ଷି ବେଦବ୍ୟାସଙ୍କ ରଚିତ ପୁରାଣ, ଅନନ୍ତ କାଳରୁ ପ୍ରତିଷ୍ଠିତ ପରମ୍ପରା ଅନୁପାଳନ ପୂର୍ବକ ମୂଳପୀଠ ଶ୍ରୀମନ୍ଦିରରେ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ସ୍ନାନଯାତ୍ରା ଓ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ତଥାପି ବାରମ୍ବାର ଇସ୍କନ୍ କିଛି ଦଶନ୍ଧି ଧରି ଅତିଥିରେ ରଥଯାତ୍ରା ଆୟୋଜନ କରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶାସ୍ତ୍ରାନୁମତକୁ ଅବଜ୍ଞା କରି ଚାଲିଛି। ଏଣୁ ଶାସ୍ତ୍ରାନୁମୋଦିତ ତଥ୍ୟ ଓ ପ୍ରମାଣ ଆଧାରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆଜି ୧୦୦ ପୃଷ୍ଠାର ଦସ୍ତାବିଜ ଇସ୍କନ୍‌ର ପଶ୍ଚିମବଙ୍ଗ ମାୟାପୁରସ୍ଥିତ ଅନ୍ତର୍ଜାତୀୟ ଗଭର୍ଣ୍ଣିଂ ବଡ଼ି କମିସନଙ୍କ ପାଖକୁ ପଠାଇଛନ୍ତି।



ଗଜପତି ମହାରାଜା କହିଛନ୍ତି, ବରିଷ୍ଠ ଗବେଷକ, ଶ୍ରୀ ମନ୍ଦିର ପରିଚାଳନା କମିଟିର ଅନୁମୋଦନକ୍ରମେ ଆମେ ଏହି ୧୦୦ ପୃଷ୍ଠାର ଦସ୍ତାବିଜ ଆଜି ଜୟନ୍‌କୁ ପ୍ରଦାନ କରିଛୁ ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନର ତିଥି ଉପରେ ଏହା ଆମର ଚୂଡ଼ାନ୍ତ ଦସ୍ତାବିଜ ଏହି ଦସ୍ତାବିଜ ତର୍ଜମା ପାଇଁ ଆମେ ଇସ୍କନ୍‌କୁ ମାସେ ସମୟ ଦେଇଛୁ। ଯଥାସମ୍ଭବ ଆପୋସ ଆଲୋଚନାରେ ଏହି ବିବାଦର ସମାଧାନ କରିବାକୁ ଚାହୁଁଛୁ। ତଥାପି ଇସ୍କନ୍ କର୍ତ୍ତୃପକ୍ଷ ନ ଶୁଣିଲେ, ଆମେ ଆଇନଗତ ପଦକ୍ଷେପ ଗ୍ରହଣ କରିବୁ ଓ ଏହା ଆମର ଶେଷ ନିଷ୍ପତ୍ତି ହେବ ରଥଯାତ୍ରା ଓ ସ୍ନାନଯାତ୍ରାର ବ୍ୟବସ୍ଥା, ପୂଜାପଦ୍ଧତି ସ୍ଥାନ ଅନୁସାରେ ବଦଳିପାରେ, କିନ୍ତୁ ତିଥି ନୁହେଁ ବୋଲି ଗଜପତି କହିଛନ୍ତି। ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଜପତି ମହାରାଜା କହିଛନ୍ତି, ଆମେ ଇଣ୍ଟରନେଟ୍, ଇସ୍କନ୍‌ର ୱେବ୍‌ସାଇଟ୍ ଓ ଅନ୍ୟ ତଥ୍ୟରୁ ଖୋଳତାଡ଼ ପରେ ଜାଣିବାକୁ ପାଇଛୁ କି କେବଳ ଚଳିତବର୍ଷ ଇସ୍କନ୍ ଶାସ୍ତ୍ର ଓ ପରମ୍ପରା ଉଲଂଘନ କରି ଅଦିନରେ ୬୮ ଥର ରଥଯାତ୍ରା ଓ ୪୦ ଥର ସ୍ନାନଯାତ୍ରା ଆୟୋଜନ କରିଛି ଆମର ଧାରଣା ଥିଲା, ଇସ୍କନ କେବଳ ଅଦିନରେ ରଥଯାତ୍ରା ଆୟୋଜନ କରୁଛି। କିନ୍ତୁ ଇସ୍କନ୍ ସ୍ନାନଯାତ୍ରା ବି ଅଦିନରେ ଆୟୋଜନ କରୁଛି ଜସ୍କନରେ ସୋସିଆଲ୍ ସାଇଟ୍, ଇଣ୍ଟରନେଟ ଆଦିରୁ ଏକଥା ଜଣାପଡିଛି ଏହି ଏଭଳି ଅଦିନ ରଥଯାତ୍ରା ଆୟୋଜନକୁ ଆମେ ଆଦୌ ସହ୍ୟ କରିବୁନି ଭସ୍କନ୍ ୧୯୬୭ ମସିହାରୁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅନୁକରଣ ଓ ରଥଯାତ୍ରା ଆୟୋଜନ କରିବାର ପ୍ରମାଣ ରହିଛି ଆରମ୍ଭରୁ ଧାର୍ଯ୍ୟକ ଥରେ ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନ ହୋଇ ଆସୁଥିଲା କିନ୍ତୁ ୧୯୯୦ ମସିହା ପରେ ଅତିଥିରେ ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନ ଆରମ୍ଭ ହୋଇଥିଲା ଏହା ପରଠାରୁ ବାରମ୍ବାର ଶାସ୍ତ୍ର ଓ ପରମ୍ପରାର ଉଲ୍ଲଂଘନ କରି ଚାଲିଛି। ଇସ୍କନ୍ ଏ ଉପରେ ସେ ନିଜେ ଓ ଶ୍ରୀମନ୍ଦିର ପ୍ରଶାସନ ବାରମ୍ବାର ଆପତି ଉଠାଇଛନ୍ତି ଓ ଚିଠି ଲେଖିଛନ୍ତି। କିନ୍ତୁ ଇସ୍କନ୍ ଏଥିରୁ ବିରତ ରହୁନି। ୨୦୨୧ ଜୁଲାଇ ୨୧ରେ ଇସ୍କନ୍ ଗଭର୍ଣ୍ଣିଂ କାଉନ୍‌ସିଲ ବ୍ୟୁରେ, ମୁମ୍ବାଇ ପକ୍ଷରୁ ଶାସ୍ତ୍ରାନୁସାରେ ଭାରତରେ ସମସ୍ତ ଇସ୍କନ୍ ମନ୍ଦିରରେ ରଥଯାତ୍ରା ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭାରତରେ ଏହା ଅନୁପାଳନ ହେଉଥିବା ବେଳେ ବିଦେଶରେ କିନ୍ତୁ ଅମାନ୍ୟ କରାଯାଉଛି। ଇସ୍କନ୍ ଅଧ୍ୟକ୍ଷଙ୍କ ପ୍ରସ୍ତାବ ଅନୁସାରେ ଚଳିତବର୍ଷ ମାର୍ଚ୍ଚ ୨୦ରେ ଭୁବନେଶ୍ୱରରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧିତ୍ୱ କରୁଥିବା ଶାସ୍ତ୍ରଜ୍ଞ, ଗବେଷକ ଏବଂ ଇସ୍କନ୍ ଶାସ୍ତ୍ରଣଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଇସ୍କନ୍ ପକ୍ଷରୁ ରଥଯାତ୍ରା ଆୟୋଜନ ଉପରେ ଏକ ଦସ୍ତାବିଜ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧିତ୍ୱ କରୁଥିବା ଶାସ୍ତ୍ରଜ୍ଞ ଓ ଗବେଷକ ବିସ୍ତୃତ ଅନୁଶୀଳନ ପରେ ଇସ୍କନ ପକ୍ଷରୁ ପ୍ରଦତ୍ତ ଦସ୍ତାବିଜ ଅମୂଳକ, ଭୁଲ୍, ଶାସ୍ତ୍ର ତଥା ପରମ୍ପରା ବିରୋଧୀ ବୋଲି ଯୁକ୍ତି ବାଢ଼ୁଁଛନ୍ତି। ଏହି ପ୍ରସଙ୍ଗରେ ସେପ୍ଟେମ୍ବର ୩ରେ ପରିଚାଳନା କମିଟି ବୈଠକରେ ମଧ୍ୟ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧିତ କରୁଥିବା ଶାସ୍ତ୍ରଜ୍ଞ ଓ ଗବେଷକମାନେ ଯେଉଁ ମତ ରଖିଛନ୍ତି, ତାକୁ ଅନୁମୋଦନ କରିଛନ୍ତି। ପ୍ରଫେସର ହରେକୃଷ୍ଣ ଶତପଥୀ କହିଛନ୍ତି, ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ଦସ୍ତାବିଜରେ ରବିବାର ଭଳି ଛୁଟି ଦିନରେ ରଥଯାତ୍ରା ଆୟୋଜନ କରାଯାଉଥିବା ନେଇ ଇସ୍କନ୍ ଯୁକ୍ତି ବଢ଼ିଥିଲା। ଯାତ୍ରାକୁ ବିଶ୍ୱବ୍ୟାପୀ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଆମେରିକାରେ ରଥଯାତ୍ରା ଆୟୋଜନ ହେଉଥିବା ସେମାନେ ଦର୍ଶାଇଥିଲେ। ଥଣ୍ଡା ଓ ଅନ୍ୟ କାରଣ ବି ଦର୍ଶାଇଥିଲେ। ଅଦିନ ରଥଯାତ୍ରା ନେଇ ଏଭଳି ୨୭ଟି କାରଣ ଦର୍ଶାଇଥିଲେ ଏସବୁ ଅମୂଳକ ବୋଲି ପ୍ରଫେସର ଶତପଥୀ କହିଛନ୍ତି। ଇସ୍କନ୍ ଶ୍ରୀମନ୍ଦିରର ଗରିମା କ୍ଷୁର୍ଣ୍ଣ ପାଇଁ ଯେଉଁ ଷଡ଼ଯନ୍ତ୍ର କରୁଛି, ତାକୁ ଆମେ କେବେ ବି କରାଇଦେବୁନି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅରବିନ୍ଦ ପାଢ଼ୀ କହିଛନ୍ତି। ଆଜିର ସମ୍ବାଦିକ ସମ୍ମିଳନୀରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ରଥଯାତ୍ରା ଭିଆଇପି ପାସ ବଣ୍ଟନ

# ବିଜେଡିଠୁ ବଳିଗଲା ବିଜେପି : ୫ଗୁଣା ଅଧିକ ପାସ ବାଣ୍ଟିଥିଲା

ଭୁବନେଶ୍ୱର,(ଭିଓଭି):ଚଳିତବର୍ଷ ରଥଯାତ୍ରାରେ ରାଜ୍ୟ ସରକାର ପାସ୍ ବଣ୍ଟାକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ କର୍ଡନ ପାସ ୨୫୦୦ ଓ ଅନ୍ୟାନ୍ୟ ୨୨,୫୦୦ ପାସ୍‌କୁ ମିଶାଇ ୨୪,୩୫୦ ପାସ୍ ବଣ୍ଟନ ହୋଇଛି। ଯାହା ପୂର୍ବ ବିଜେଡି ସରକାର ସମୟରେ ବଣ୍ଟା ଯାଇଥିବା ପାସ୍‌ଠାରୁ ପ୍ରାୟ ୫ଗୁଣା ଅଧିକ କାହା ସ୍ୱାର୍ଥ ସାଧନ ପାଇଁ ଏତେ ସଂଖ୍ୟାରେ ଭିଆଇପି ପାସ୍ ବଣ୍ଟା ଯାଇଥିଲା ଆଇନ ମନ୍ତ୍ରୀ ଏହା ଉପରେ ତୁରନ୍ତ ସ୍ୱଷ୍ଟୀକରଣ ଦିଅନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ଜୟଶ୍ରୀ ପାତ୍ର ଦାବି କରିଛନ୍ତି। ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପାତ୍ର କହିଲେ, ବିରୋଧୀ ଦଳ ଥିବାବେଳେ ବିଜେପି ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବିରୋଧରେ ଚିତ୍କାର କରୁଥିଲା। ମାତ୍ର କ୍ଷମତାକୁ ଆସିବା ପରେ ବିଜେପି ପୁନର୍ବାର ଧାଡ଼ି ଦର୍ଶନ ଲାଗୁ କରିବା ପାଇଁ ଅଣ୍ଟା ଭିଡ଼ିଛି। ବହୁ ବାଦ ବିବାଦ ପରେ ପରିଚାଳନା କମିଟି ଗଠନ କରାଗଲା, କିନ୍ତୁ ଏହା ଦଳୀୟ କମିଟି ଭଳିଆ ପ୍ରତୀତ ହେଉଛି। କମିଟି ଧାଡ଼ି ଦର୍ଶନ ଉପରେ ପ୍ରାଥମିକତା ଦେଇଛି। ଶ୍ରୀମନ୍ଦିର ନୀତିକାନ୍ତି, ରଥଯାତ୍ରା ସମୟରେ ବ୍ୟାରିକେଡ୍, ରାଧା ମାଧବ ବିଜେ, ବୟସ୍କା ହବିଷ୍ୟାଳୀ ମାଆ, ଭିଡ଼ ପାଇଁ ମହାସ୍ନାନ, ଭୋଗ ଆଦିରେ ଧାଡ଼ି ଦର୍ଶନ ବ୍ୟାଘାତ ସୃଷ୍ଟି କରିବା ଏହା ଉପରେ କମିଟି ଦୃଷ୍ଟି ରଖିଛି କି ବୋଲି ଶ୍ରୀମତୀ ପାତ୍ର ପ୍ରଶ୍ନ କରିଛନ୍ତି।

ମୁଖପାତ୍ର ଲଲାଟେନ୍ଦୁ ଦାସ କହିଲେ, ଶ୍ରୀମନ୍ଦିର ଖଣି ଖାଦାନର ଦିନ ଦ୍ୱିପ୍ରହରରେ ହରିଲୁଟ୍ ଚାଲିଛି। ଦେଶରେ ମହାପ୍ରଭୁଙ୍କ ୬୨ ହଜାର କୋଟି ଟଙ୍କାର ସମ୍ପତ୍ତି ଅଛି। ତହିଁରୁ ଓଡ଼ିଶାରେ ୩୮ ହଜାର କୋଟି ଟଙ୍କାର ସମ୍ପତ୍ତି ରହିଛି। ରାଜ୍ୟରେ ଥିବା ସମ୍ପତ୍ତିର ପ୍ରାୟ ୩୦% କେବଳ ଖୋର୍ଦ୍ଧା ଓ ପୁରୀରେ ଅଛି। ଏହି ସମ୍ପତ୍ତିରେ ହଜାର ହଜାର କୋଟି ଟଙ୍କାର ବାଲି, ମୋରମ ଓ ମାଙ୍କଡ଼ା ପଥର ଖଣି ଅନ୍ତର୍ଭୁକ୍ତ। ଏହି ଖଣି ଖାଦାନକୁ ବହୁବର୍ଷ ହେବ ସରକାର ନିଲାମ କରିନାହାନ୍ତି। ଏହାସତ୍ତ୍ୱେ ଶାସନର ଛତ୍ରଛାୟା ତଳେ ପ୍ରଭାବଶାଳୀ ଲୋକ ଖଣି ଖାଦାନର ହରିଲୁଟ୍ କରି ଚାଲିଛନ୍ତି। ସେ ଆହୁରିମଧ୍ୟ କହିଲେ ଯେ ଗତ ମେ ମାସରେ ହାଇକୋର୍ଟ ମହାପ୍ରଭୁଙ୍କ ସମ୍ପତ୍ତି ରକ୍ଷଣାବେକ୍ଷଣରେ ବ୍ୟତିକ୍ରମ କେବଳ ଆଇନଗତ ସମସ୍ୟା ନୁହେଁ, ବରଂ ଏକ ଆଧ୍ୟାତ୍ମିକ ଅପମାନ ଓ ସାଂସ୍କୃତିକ କ୍ଷତି ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ। ଅତିଶୀଘ୍ର ମହାପ୍ରଭୁଙ୍କ ସମ୍ପତ୍ତି ସରକାର ପୁନର୍ବାର ନିଜ ଅକ୍ତିଆରକୁ ଆଣନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶର ୪ମାସ ବିତିଯାଇଥିଲେ ସୁଦ୍ଧା ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ମହାପ୍ରଭୁଙ୍କ ସମ୍ପତ୍ତି ଆଇନ ମନ୍ତ୍ରୀଙ୍କ ପରିବାର ଦଖଲରେ ଅଛି କି ନାହିଁ ତାହାର ଏକ ସତ୍ୟପାଠ ଦାଖଲ କରନ୍ତୁ ବୋଲି ମୁଖପାତ୍ର ଶ୍ରୀ ଦାସ ଦାବି କରିଛନ୍ତି।

# ରାଜ୍ୟ ସରକାର ପ୍ରତି ଜିଲ୍ଲାକୁ ଶିଳ୍ପାୟନର ମାନ୍ୟତା ଦେବାପାଇଁ ବଦ୍ଧପରିକର

ଭୁବନେଶ୍ୱର (ଭିଓଭି): ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଅବସରରେ ଆଜି ସମ୍ବଲପୁରରେ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭେଟଘାଟକୁ ପାରମ୍ପରିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଆମ ସମାଜର, ପାରିବାରିକ ପ୍ରେମର ଓ ସମୃଦ୍ଧିର ପର୍ବ ବୋଲି କହିଥିଲେ। ସମ୍ବଲପୁର ହେଉଛି ବୀରତ୍ୱର ମାଟି। ଏଣୁ ସମ୍ବଲପୁର ଐତିହାସିକ ସ୍ୱାଧୀନତା ସଂଗ୍ରାମ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠ ଗୁଡିକର ଉନ୍ନତିକଣାର ନିମନ୍ତେ ରାଜ୍ୟ ସରକାର ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ନୂଆଁଖାଇ ହେଉଛି ଚାଷ ଭିତ୍ତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ। ରାଜ୍ୟର କୃଷକ ପରିବାରଙ୍କ ଆୟ କେବଳ ଦୁଇ ଗୁଣ ନୁହେଁ, ବହୁ ଗୁଣିତ କରିବା ପାଇଁ ସରକାର ପ୍ରତିବଦ୍ଧ। ଆମ ସରକାର ହେଉଛି ଲୋକଙ୍କ ସରକାର, ଆପଣଙ୍କ ସରକାର। କେବଳ କାଗଜପତ୍ର କି ପ୍ରଚାର ପାଇଁ ନୁହେଁ। ଗତ ଏପ୍ରିଲ ୨୧ତାରିଖ ଦିନ ମୁଁ ପୁରା କ୍ୟାବିନେଟ ଓ ପ୍ରଶାସନକୁ ନେଇ ଆସିଥିଲି ଆପଣଙ୍କ କଥା ଶୁଣିବାକୁ। ସମ୍ବଲପୁର ଅଭିଯୋଗ ଶୁଣାଣିରେ ମୋତେ ପ୍ରାୟ ୯ହଜାର ୩୭୭ ଗୋଟି ଅଭିଯୋଗ ମିଳିଥିଲା ଯାହା ମଧ୍ୟରୁ ତୁରନ୍ତ ୮୮ ପ୍ରତିଶତ ସମାଧାନ କରା ଯାଇଥିଲା। ତେଣୁ ଆଗାମୀ ଦିନରେ ଓଡିଶାର ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାକୁ ଯାଇ କେବଳ ଅଭିଯୋଗ ଶୁଣିବ ତାହା ନୁହେଁ, ଯଦି



ଆବଶ୍ୟକ ହୁଏ, ମୁଁ କ୍ୟାବିନେଟ ମିଟିଂ ବି କରିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ ଆମ ସରକାର ରାଜ୍ୟର ପ୍ରତିଟି ଜିଲ୍ଲାକୁ ଶିଳ୍ପାୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦ୍ରୁତ ବିକାଶ ପାଇଁ ଅନ୍ୟ ଏକ ମୁଖ୍ୟ ପ୍ରସଙ୍ଗ ହେଉଛି ଗମନାଗମନ। ଏଣୁ ରାଜ୍ୟ ସରକାର ପୂର୍ବ ଓଡିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ- ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲା କୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକଶିତ କରିବେ। ଏହା ନିରବଚ୍ଛିନ୍ନ ସେବାକୁ ସୁଗମ କରି ଦ୍ରୁତ ଏବଂ ସମନ୍ୱିତ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ। ଆମେ ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ। ଏଥିରେ ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ। ହରିଶଙ୍କର-ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ନୂଆଖାଇ କେବଳ ଗୋଟିଏ ଦିନର କି ଦୁଇ ଦିନର ପର୍ବ ନୁହେଁ। ଏହା ହେଉଛି ଗଣପର୍ବ। ବହୁତ ଦିନ ଧରି ଏହା ଚାଲେ, ବାସି, ତିଆସି ଭାବେ। ଏଣୁ ପଶ୍ଚିମ ଓଡିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ, ଆମ ସରକାର ଚଳିତ ବର୍ଷ ନୂଆଖାଇ ପରଦିନକୁ ମଧ୍ୟ ସରକାରୀ ଛୁଟି ଭାବେ ଘୋଷଣା କରିଥିଲେ। ନୂଆଖାଇ ଆମକୁ କହେ- ପରିବାରରେ ଏକତା ରଖ। ସମାଜରେ ଶାନ୍ତି ଓ ସହଯୋଗକୁ ବଢାଅ। ପ୍ରକୃତିକୁ ମା' ଭାବି ସମ୍ମାନ କର। କୃଷକଙ୍କୁ ସମ୍ମାନ ଦେଇ, ସେମାନଙ୍କ ପରିଶ୍ରମକୁ ସଫଳ ରୂପାୟନ କରିବାରେ ନିଜକୁ ସାମିଲ କରିବା। ନୂଆଖାଇ କେବଳ ପର୍ବ ନୁହେଁ- ଏହା ଆମର 'ଅସ୍ତିତ୍ୱର ପରିଚୟ'।

## ସଂପାଦକୀୟ

# ସମୟର ସନ୍ଧିକ୍ଷଣରେ ବିଜୁ ଜନତା ଦଳ

ଉପରାଷ୍ଟ୍ରପତି ନିର୍ବାଚନରେ ବିଜୁ ଜନତା ଦଳର ଆଭିମୁଖ୍ୟ ଏଯାଏଁ ସ୍ପଷ୍ଟ ହୋଇନାହିଁ। ସରକାରରେ ଥିଲାବେଳେ କେନ୍ଦ୍ରର ଭାଜପା ସରକାରଙ୍କୁ ଆଖିବୁଜା ସମର୍ଥନ ଦେଉଥିବା ଦଳ ଗତ ନିର୍ବାଚନରେ ଭାଜପା ଠାରୁ ଅପ୍ରତ୍ୟାଶିତ ପରାଜୟ ଭୋଗିବା ପରେ ପରିସ୍ଥିତି ବଦଳିଯାଇଛି। ୱାକଫ୍ ବିଲକୁ ନେଇ ସଂସଦରେ ଦଳର ସନ୍ଦିଗ୍ଧ ଆଭିମୁଖ୍ୟ ଦଳମଧ୍ୟରେ ଅନେକ ଝଡ ସୃଷ୍ଟି କରିସାରିଛି। କ୍ଷମତାରେ ଥିବାବେଳେ ନବୀନବାବୁଙ୍କ ନିର୍ଦ୍ଦେଶକୁ ବିନା ପ୍ରତିବାଦରେ ସାଂସଦ ଓ ବିଧାୟକମାନେ ମାନିନେଉଥିଲେ। କିନ୍ତୁ ସାଧାରଣ ନିର୍ବାଚନରେ ଭାଜପା ଠାରୁ ହାରିବାପରେ ସମଦୁରତା ନାମରେ ଭାଜପାକୁ ଅନ୍ଧ ସମର୍ଥନର ଚକମା ଛାଡି ଦଳର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ କେବଳ ଅଧିକାଂଶ ପୁରୁଖା ନେତା ନୁହେଁ ତୃଣମୁଳ ସ୍ତରର କର୍ମୀମାନେ ମଧ ଦାବୀ କରୁଛନ୍ତି। ବର୍ତ୍ତମାନ ଯେହେତୁ ଭାଜପାର ରାଜ୍ୟରେ ସରକାର ଏବଂ ପଞ୍ଚାୟତ ସ୍ତରରେ ସେମାନେ ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦୀ, ଏପରି ସ୍ଥିତିରେ ଉପର ମହଲରେ ଭାଜପାକୁ ନିଃସର୍ତ୍ତ ସମର୍ଥନ କର୍ମୀମାନଙ୍କ ମନୋବଳ ଦୁର୍ବଳ କରିବ, ଯାହା ଦଳପାଇଁ ଆତ୍ମଘାତି ସାବ୍ୟସ୍ତ ହୋଇପାରେ। ନିର୍ବାଚନରେ ପରାଜୟ ପାଇଁ ଦଳରେ ଅଧିକାଂଶ ନେତା ଓ କର୍ମୀ ପାଣ୍ଡିଆନ୍ ବାବୁଙ୍କୁ ଦାୟୀ କରୁଥିବାବେଳେ ନିକଟରେ ନବୀନବାବୁଙ୍କ ଅସୁସ୍ଥତା ସମୟରେ ଦଳରେ ପାଣ୍ଡିଆନ୍ ବାବୁଙ୍କ ଭୁମିକାକୁ ନେଇ ପୁନଶ୍ଚ ଚର୍ଚ୍ଚା ଓ ଅସନ୍ତୋଷ ତୀବ୍ରତର ହୋଇଛି। ମୁଖ୍ୟ ବିରୋଧିଦଳ ଭାବେ ରାଜ୍ୟରେ ବିଜେଡି ଏବଂ ବିଧାନସଭାରେ ବିରୋଧିଦଳ ନେତାଭାବେ ନବୀନବାବୁଙ୍କ ପନ୍ଦର ମାସର କାର୍ଯ୍ୟକାଳ ଆଦୌ ସନ୍ତୋଷଜନକ ନୁହେଁ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନଙ୍କରେ ରାଜ୍ୟସରକାରଙ୍କୁ ବିରୋଧରେ ଦଳର କାର୍ଯ୍ୟକ୍ରମରେ ଆକ୍ରାମକତା ଦେଖାଯାଇନାହିଁ। ଏହା ମଧ୍ୟରେ ଦଳର ଅନେକ ବରିଷ୍ଠ ନେତା ଓ ବିଧାୟକମାନଙ୍କ ଅସନ୍ତୋଷ ଶଙ୍ଖଭବନର ଶୃଙ୍ଖଳ ଭାଙ୍ଗି ପଦାକୁ ଆସିଲାଣି। ପ୍ରଶାସକଙ୍କ ହାତରେ ରାଜନୈତିକ ନିଷ୍ପତ୍ତିର ଅଧିକାର ଦେଇ ରାଜ୍ୟରେ ଦଳ କ୍ଷମତା ହରେଇଛି। ବର୍ତ୍ତମାନ ମଧ କେନ୍ଦ୍ର ଭାଜପା ପାଣ୍ଡିଆନ୍ ବାବୁଙ୍କ ମାଧ୍ୟମରେ ଦଳକୁ ନିୟନ୍ତ୍ରଣ କରୁଥିବାର ଚର୍ଚ୍ଚା ହେଉଛି। ସଂସଦରେ ୱାକଫ୍ ବିଲ୍ ପ୍ରସଙ୍ଗରେ ଦଳର ଘୋଷିତ ବିରୋଧ ପ୍ରସ୍ତାବରୁ ଓହରିଯିବା ପାଣ୍ଡିଆନ୍ ବାବୁଙ୍କ ମାଧ୍ୟମରେ ହୋଇଥିବା ତୃଣମୁଳ ସ୍ତରର କର୍ମୀଙ୍କ ମଧ୍ୟରେ ଆଲୋଚନା ହେଉଛି। ପ୍ରଧାନମନ୍ତ୍ରୀଙ୍କ ସମେତ ଭାଜପାର ସମସ୍ତ ନେତା ପାଣ୍ଡିଆନ୍ ବାବୁଙ୍କ ନାମରେ ଓଡିଆ ଅସ୍ମିତା ପ୍ରସଙ୍ଗ ଉଠେଇ କ୍ଷମତାକୁ ଆସିବା ପରେ ତାଙ୍କ ବିରୋଧରେ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଏହି ଆଲୋଚନାକୁ ଅଧିକ ଖୋରାକ ଯୋଗାଉଛି। ଏହି ପରିପ୍ରେକ୍ଷୀରେ ଉପରାଷ୍ଟ୍ରପତି ନିର୍ବାଚନରେ ଦଳର ଭୁମିକାକୁ ନେଇ ରାଜ୍ୟ ଓ ଜାତୀୟ ସ୍ତରରେ ରାଜନୈତିକ ମହଲରେ ଉତ୍ସୁକତା ବଢିଛି। ଯଦିଓ ଉପରାଷ୍ଟ୍ରପତି ନିର୍ବାଚନରେ କୌଣସି ଦଳ ପକ୍ଷରୁ ହୁଇପ୍ ଜାରୀ କରାଯାଇ ନାହିଁ କିମ୍ବା ବିଜେଡିର ସ୍ୱଳ୍ପ ସାଂସଦଙ୍କ ଭୋଟ ନିର୍ବାଚନର ଫଳାଫଳକୁ ବିଶେଷ ଭାବେ ପ୍ରଭାବିତ କରିବ ନାହିଁ ଏହି ନିଷ୍ପତ୍ତି ଆଗାମୀ ଦିନମାନଙ୍କରେ ବିଜୁ ଜନତା ଦଳର ଆଭ୍ୟନ୍ତରୀଣ ରାଜନୀତି ଓ ଜାତୀୟ ରାଜନୈତିକ ସମୀକରଣକୁ ବହୁ ଭାବରେ ପ୍ରଭାବିତ କରିବ।

ତେଣୁ ସେପ୍ଟେମ୍ବର ୯ ତାରିଖକୁ ସମସ୍ତଙ୍କର ଅପେକ୍ଷା।

ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ୍) ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଦେଶ କେ ହିତ୍ ମେଁ କରେଙ୍ଗେ କାମ୍



ସର୍ବେଶ୍ୱର ବେହେରା

ଭାରତୀୟ ମଜଦୁର ସଂଘ ୧୯୫୫ ଜୁଲାଇ ୨୩ ତାରିଖ ଲୋକମାନ୍ୟ ବାଲଗଙ୍ଗାଧର ତିଲକଙ୍କ ଜନ୍ମତିଥିରେ ମଧ୍ୟପ୍ରଦେଶର ଭୋପାଳଠାରେ ଆରମ୍ଭ ହୋଇଥିଲା । ଏହାର ପ୍ରତିଷ୍ଠାତା ଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ ଶ୍ରୀ ଦତ୍ତୋପନ୍ତ ଠେଙ୍ଗଡୀ । ଗତ ୭୦ବର୍ଷ ଧରି ଏହି ସଙ୍ଗଠନର କାର୍ଯ୍ୟକର୍ତ୍ତାମାନଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ଯୋଗୁଁ ଆଦି ଏହା ବିଶ୍ୱର ସର୍ବବୃହତ ଶ୍ରମିକ ସଙ୍ଗଠନ ରୂପେ ମାନ୍ୟତା ହାସଲ କରିଛି । ଏବେ ଏହାର ସଦସ୍ୟ ସଂଖ୍ୟା ଏକ କୋଟିରୁ ଊର୍ଦ୍ଧ୍ୱ । ଏହି ସଙ୍ଗଠନ ଏବେ ଦେଶର ୫୦୦୦ରୁ ଊର୍ଦ୍ଧ୍ୱ ଟ୍ରେଡ ୟୁନିଅନକୁ ପରିଚାଳନା କରୁଛି । ରାଷ୍ଟ୍ରର ଉଦ୍ୟୋଗୀକରଣ, ଉଦ୍ୟୋଗର ଶ୍ରମିକକରଣ ଓ ଶ୍ରମିକର ରାଷ୍ଟ୍ରୀୟକରଣର ତ୍ରିସୂତ୍ରକୁ ଧରି ଭାରତୀୟ ମଜଦୁର ସଂଘ ପ୍ରଥମରୁ କାର୍ଯ୍ୟ କରିଆସୁଛି । ରାଷ୍ଟ୍ରର ଆର୍ଥିକ ବିକାଶ ପାଇଁ ଉଦ୍ୟୋଗୀକରଣ ହେବା ଆବଶ୍ୟକ । ଉଦ୍ୟୋଗରୁ ଉତ୍ପାଦିତ ବସ୍ତୁଗୁଡ଼ିକ ବଜାରରେ ବିକ୍ରି କରି ରାଷ୍ଟ୍ରର ଆର୍ଥିକ ବିକାଶ ହୋଇପାରିବ । ଏଥିଲାଗି ସମଗ୍ର ଦେଶରେ କଳକାରଖାନା ପ୍ରତିଷ୍ଠା ହେବା ଆବଶ୍ୟକ । ଏହାଦ୍ୱାରା ରାଷ୍ଟ୍ର ଉଦ୍ୟୋଗୀକରଣ ହେବ । ଏହି ସମସ୍ତ କଳକାରଖାନା ଗୁଡ଼ିକରେ ପ୍ରଚୁର ଉତ୍ପାଦନ ପାଇଁ ବହୁ ଶ୍ରମିକ ନିୟୋଜିତ ହେବା ଆବଶ୍ୟକ । ଭାରତ ପରି ଜନବହୁଳ ଦେଶରେ ଶ୍ରମିକମାନଙ୍କ ଦ୍ୱାରା ଉତ୍ପାଦନ ହେଲେ ସାଧାରଣ ଶ୍ରମିକ ସମୁଚିତ ବେତନ ପାଇପାରିବ ଓ ତା'ର କ୍ରୟ ଶକ୍ତି ବୃଦ୍ଧି ହେବ । ଶ୍ରମିକର ଅର୍ଥ ଓ ଶ୍ରମକୁ ସମାନ ସ୍ତରରେ ରଖି ଶ୍ରମିକକୁ ଉଦ୍ୟୋଗର ମାଲିକାନାରେ ଅଂଶୀଦାର କରିବା ଆବଶ୍ୟକ । ଏହା ହିଁ ଉଦ୍ୟୋଗର ଶ୍ରମିକୀକରଣ । ଏହି ଶ୍ରମିକମାନଙ୍କ ମଧ୍ୟରେ ରାଷ୍ଟ୍ରୀୟତାର ଭାବ ଜାଗରଣ ହେବା ଆବଶ୍ୟକ । ରାଷ୍ଟ୍ର ପ୍ରତି ତ୍ୟାଗ-ସମର୍ପିତ ଭାବନା ଉଦ୍ରେକ ହେବା ଉଚିତ । ସେ ଯେଉଁ ଶ୍ରମ କରୁଛି, ତାହା ରାଷ୍ଟ୍ରର ବିକାଶ ପାଇଁ କୌଣସି ପୁଞ୍ଜିପତିର ଆର୍ଥିକ ବିକାଶ ପାଇଁ ନୁହେଁ । ଏହି ଭାବନା ଶ୍ରମିକ ମନରେ ଉଦ୍ରେକ ହେବା ଆବଶ୍ୟକ । ରାଷ୍ଟ୍ରୀୟକରଣ ଅର୍ଥ ସରକାରୀକରଣ । ତେଣୁ କଳକାରଖାନାର ସରକାରୀକରଣ କରି ଶ୍ରମିକର ରାଷ୍ଟ୍ରୀୟକରଣ ଏକାନ୍ତ ଆବଶ୍ୟକ । ଏହି ତ୍ରିସୂତ୍ରୀ ଲକ୍ଷ୍ୟ ରଖି ମଜଦୁର ସଂଘ ଗତ ୭୦ ବର୍ଷ ଧରି କାର୍ଯ୍ୟ କରୁଛି। ଏହି ମନ୍ତ୍ର ଆଜି ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଛି । ଭାରତୀୟ ମଜଦୁର ସଂଘ ବିଶ୍ୱରେ ଏକମାତ୍ର ଶ୍ରମିକ ସଙ୍ଗଠନ; ଯାହା ଅଣରାଜନୈତିକ ଶ୍ରମିକ ସଙ୍ଗଠନ ରୂପେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରୁଛି । ୧୯୫୫ ଜୁଲାଇ ୨୩ ତାରିଖରେ ଯେଉଁଦିନ ଶ୍ରୀ ଦତ୍ତୋପନ୍ତ ଠେଙ୍ଗଡ଼ୀ କେତେଜଣ କାର୍ଯ୍ୟକର୍ତ୍ତାଙ୍କୁ ଧରି ଭୋପାଳଠାରେ ଏହି ସଂଘ ଆରମ୍ଭ କରିଥିଲେ । ସେହିଦିନ ସନ୍ଧ୍ୟାରେ ଏକ ସାଧାରଣ ସଭା କରି ଏହାକୁ ଘୋଷଣା କରିବା ପାଇଁ କାର୍ଯ୍ୟକର୍ତ୍ତାମାନେ ନିର୍ଣ୍ଣୟ ନେଲେ । ବୈଠକରେ ଜଣେ କାର୍ଯ୍ୟକର୍ତ୍ତା ଶ୍ରୀ ଗଙ୍ଗାଭକ୍ତ ସିଂ ପ୍ରସ୍ତାବ ଦେଲେ ଆଜି ଭୋପାଳରେ ଜଣେ ବିଶିଷ୍ଟ ବକ୍ତା ଅଟଳ ବିହାରୀ ବାଜପେୟୀ ଉପସ୍ଥିତ ଅଛନ୍ତି, ସେ ଯଦି ସନ୍ଧ୍ୟାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ ତେବେ ତାଙ୍କ ଲୋକପ୍ରିୟତା ଯୋଗୁଁ ସମସ୍ତେ ଆକୃଷ୍ଟ ହେବେ ଓ ସଭାରେ ଜନସଂଖ୍ୟା ବୃଦ୍ଧି ହେବ । ଠେଙ୍ଗଡ଼ୀଜୀ ସ୍ମିତହାସ୍ୟ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକର୍ତ୍ତାଙ୍କ ମତାମତକୁ ସ୍ୱୀକାର କରି ସେ କାର୍ଯ୍ୟକର୍ତ୍ତାମାନଙ୍କୁ ବାଜପେୟୀଙ୍କୁ ସାକ୍ଷାତ କରି ସଭାରେ ଉଦବୋଧନ ଦେବା ପାଇଁ ଅନୁମତି ପ୍ରଦାନ କଲେ । ସମସ୍ତ ବିଷୟ ଶୁଣି ସାରିବା ପରେ ଅଟଳଜୀ କାର୍ଯ୍ୟକର୍ତ୍ତାମାନଙ୍କୁ କହିଲେ- "ଆଜି ଆପଣମାନେ ଭାରତୀୟ ମଜଦୁର ସଂଘ ରୂପେ ଏକ ଅଣରାଜନୈତିକ ଶ୍ରମିକ ସଙ୍ଗଠନ ପ୍ରତିଷ୍ଠା କଲେ। ପ୍ରଥମ ଦିନରେ ପ୍ରଥମ ବକ୍ତା ଜଣେ ରାଜନୈତିକ ବ୍ୟକ୍ତି କିରି ହେବ ? ମୋର ଭାଷଣ ପରେ ଆପଣମାନେ କ'ଣ ନିଜ ସଙ୍ଗଠନକୁ ଅଣରାଜନୈତିକ ରୂପେ ଘୋଷଣା କରିରିବେ ?" ଅଟଳଜୀଙ୍କ ଠାରୁ ଏହା ଶୁଣି ସମସ୍ତେ ଖୁସି ହୋଇ ଫେରିଆସିଲେ । ସନ୍ଧ୍ୟାରେ ସଭା ହେଲା । ସଭାରେ ଠେଙ୍ଗଡ଼ୀଜୀ ଭାଷଣ ଦେଇ ମଜଦୁର ସଂଘର ଲକ୍ଷ୍ୟ ଓ କାର୍ଯ୍ୟପଦ୍ଧତି ସମ୍ବନ୍ଧରେ ବିଶଦ ଭାବେ ବର୍ଣ୍ଣନା କଲେ । ସେବେଠାରୁ ମଜଦୁର ସଂଘର ଏକ ଅଣରାଜନୈତିକ ସଙ୍ଗଠନ ରୂପେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରୁଛି । ମଜଦୁର ସଂଘର ଏହି ଲକ୍ଷ୍ୟ ଓ କାର୍ଯ୍ୟକୁ ଶୁଣି କଂଗ୍ରେସ ଓ ବାମପନ୍ଥୀମାନଙ୍କର ଶ୍ରମିକ ସଙ୍ଗଠନର ନେତାମାନେ ଉପହାସ କରିଥିଲେ । ଶ୍ରମିକ ସଙ୍ଗଠନ ପୁଣି ଅଣରାଜନୈତିକ ଏହା ପାଗଳର ପ୍ରଳାପ । ବାମପନ୍ଥୀମାନେ ପରିହାସ କରି କହିଲେ ଶ୍ରମିକ ସଙ୍ଗଠନ ଚଳେଇବା ସହଜ କଥା ନୁହେଁ, ହାଫ୍ ପ୍ୟାଣ୍ଟ ପିନ୍ଧି ଡେଇଁବା ଲୋକମାନେ ଶ୍ରମିକ ସଙ୍ଗଠନ ଚଳେଇବା ପାଇଁ ଦିବାସ୍ୱପ୍ନ ଦେଖୁଛନ୍ତି । କିଛି ବର୍ଷ ପରେ ମଜଦୁର ସଂଘର ବିଚାରକୁ ବିଶ୍ୱ ସ୍ୱୀକାର କଲା । ୧୯୯୦ ନଭେମ୍ବର ମାସରେ ମସ୍କୋଠାରେ World Trade Union Congress ଅନୁଷ୍ଠିତ ହୋଇଥିଲା । ଭାରତୀୟ ମଜଦୁର ସଂଘ, ବାମପନ୍ଥୀ ସଙ୍ଗଠନ ସିଟୁ, କଂଗ୍ରେସର ଏଟକ ଆଦି ପରି ବିଶ୍ୱର ୪୦୦ ଶ୍ରମିକ ସଙ୍ଗଠନ ଯୋଗ ଦେଇଥିଲେ । ପ୍ରାୟ ୧୨୫୦ ଜଣ ପ୍ରତିନିଧି ଥିଲେ ଏବଂ ସଭାର

## ଭାରତୀୟ ମଜଦୁର ସଂଘର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ

ମୁଖ୍ୟ ବିନ୍ଦୁ ଥିଲା- ଅଣରାଜନୈତିକ ଶ୍ରମିକ ସଙ୍ଗଠନଗୁଡ଼ିକ ଶ୍ରମିକମାନଙ୍କର ହିତ ସାଧନ କରୁଛନ୍ତି ଓ ରାଜନୈତିକ ନେତାମାନଙ୍କ ଦ୍ୱାରା ପରିଚାଳିତ ଶ୍ରମିକ ସଙ୍ଗଠନ ଗୁଡ଼ିକ ଦ୍ୱାରା ଶ୍ରମିକମାନଙ୍କର ହିତ ସାଧନ ହୋଇପାରୁ ନାହିଁ । ରୁଷିଆରେ ପ୍ରସ୍ତାବ ସ୍ୱୀକାର କରାଗଲା ଯେ ଶ୍ରମିକ ସଙ୍ଗଠନ ଗୁଡ଼ିକ ଅଣରାଜନୈତିକ ପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ । ରୁଷରେ ସମସ୍ତ ଶ୍ରମିକ ସଙ୍ଗଠନଗୁଡ଼ିକ ଅଣରାଜନୈତିକ ଶ୍ରମିକ ମହାସଂଘରେ ଗଠନ କରାଗଲା। ମଜଦୁର ସଂଘ ଯେଉଁ ଅଣରାଜନୈତିକ ଶ୍ରମିକ ସଙ୍ଗଠନ ସର୍ବ୍ରଥମେ ଘୋଷଣା କରିଥିଲା, ସେଦିନ ମସ୍କୋରେ ବିଶ୍ୱର ସମସ୍ତ ଟ୍ରେଡ ୟୁନିଅନ୍ ଏହି ପ୍ରସ୍ତାବ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ । କଠୋର ପରିଶ୍ରମ ଓ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଥିବା ଶ୍ରମିକମାନଙ୍କ ମଧ୍ୟରେ ରାଷ୍ଟ୍ରୀୟତା ଭାବ ଉଦ୍ରେକ କରିବା ମଜଦୁର ସଂଘ ପକ୍ଷେ କଷ୍ଟକର ବ୍ୟାପାର ଥିଲା । ଶ୍ରମିକମାନଙ୍କ ଆନ୍ଦୋଳନ ଓ ବିକ୍ଷୋଭରେ ଭାରତ ମାତାକୀ ଜୟ ଓ ବନ୍ଦେ ମାତରମ୍ ସ୍ଲୋଗାନ ଦିଆଯାଉଥିଲା । ଏହାକୁ ଦେଖି ବିରୋଧୀ ଶ୍ରମିକ ସଙ୍ଗଠନଗୁଡ଼ିକ କଟାକ୍ଷ କରୁଥିଲେ । ଯେଉଁଠାରେ ବୋନସ, ମହଙ୍ଗା ଭତ୍ତା ଓ ବେତନ ବୃଦ୍ଧି ଆଦି ଦାବି ଉଠୁଛି, ସେଠାରେ ଭାରତ ମାତାଙ୍କୁ କାହିଁକି ସ୍ମରଣ କରୁଛି ? ସେମାନେ ସ୍ଲୋଗାନ ଦେଉଥିଲେ- "ଚାହେ ଯୋ ମଜବୁରୀ ହୋ, ହମାରେ ମାଙ୍ଗେ ପୁରି କରୋ ।" ଏ ସ୍ଲୋଗାନକୁ ଦେଖି ମଜଦୁର ସଂଘ କାର୍ଯ୍ୟକର୍ତ୍ତାମାନେ ଗହନ ଚିନ୍ତା କରି ଭିନ୍ନ ଢ଼ଙ୍ଗରେ ସ୍ଲୋଗାନ ଦେଲେ- "ଦେଶକେ ହିତ ମେଁ କରେଙ୍ଗେ କାମ, କାମ୍ କେ ଲେଙ୍ଗେ ପୂରେ ଦାମ୍ ।" ଅର୍ଥାତ୍ ରାଷ୍ଟ୍ରହିତର ବ୍ୟାପକ ସନ୍ଦର୍ଭରେ ଶ୍ରମିକର ହିତ ସାଧନ କରିବା- ଏହା ମଜଦୁର ସଂଘର ଲକ୍ଷ୍ୟ ଓ ସିଦ୍ଧାନ୍ତ । ପ୍ରଥମେ ରାଷ୍ଟ୍ରହିତ ପରେ ଉଦ୍ୟୋଗ ହିତ ଓ ଶେଷରେ ଶ୍ରମିକ ହିତ । ଏଥିରେ କୌଣସି ସଂସ୍ଥାଗତ ଅହଙ୍କାର ନାହିଁ । ଏହି ସ୍ଲୋଗାନ ପରଠାରୁ ବିରୋଧୀ ଶ୍ରମିକ ସଙ୍ଗଠନ ଗୁଡ଼ିକ ଚୁ ହୋଇଯାଇଥିଲେ । ଔଦ୍ୟୋଗିକ କ୍ଷେତ୍ରରେ ମଜଦୁର ସଂଘ ଶ୍ରମିକ ହିତରେ ପ୍ରଥମେ କେତେକ ଦାବି ଉପସ୍ଥାପନ କରି ସଫଳ ହୋଇଛି । ସେଥିମଧ୍ୟରୁ 'ବୋନସ୍' ଅନ୍ୟତମ । ୧୯୬୯ ମସିହାରେ ମଜଦୁର ସଂଘ ଦେଶର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସମସ୍ତ ରାଜ୍ୟରେ ସ୍ମାରକପତ୍ର ପ୍ରଦାନ କରି ଦାବି ଉପସ୍ଥାପନ କରିଥିଲା ଯେ ସମସ୍ତ ବେତନଭୋଗୀଙ୍କୁ ବୋନସ୍ ମିଳୁ । ସରକାରୀ କର୍ମଚାରୀମାନଙ୍କୁ ମଧ ମିଳୁ । ଯେହେତୁ ସମସ୍ତଙ୍କୁ ସମୁଚିତ ବେତନ ମିଳୁନାହିଁ ତେଣୁ ବୋନସ୍‌କୁ ଡେଫର୍ଡ ୱେଜ (ଉରଲଲରକ୍ୱୟ ଡବଶର) ଆକାରରେ ଦିଆଯାଉ । ଦାବି ଉଚ୍ଚାଙ୍ଗ ହେବାରୁ ସରକାର ଏହାକୁ ୧୯୭୯ ମସିହାରେ ଗ୍ରହଣ କଲେ ଓ ସମସ୍ତଙ୍କୁ ଆଜି ବୋନସ୍ ମିଳୁଛି । ମଜଦୁର ସଂଘ ସର୍ବ୍ରଥମେ ବିଶ୍ୱକର୍ମା ସେକ୍ଟର କଥା ଉପସ୍ଥାପନା କଲା । ଏହା ସ୍ୱରୋଜଗାର କ୍ଷେତ୍ର । ଏ କ୍ଷେତ୍ରରେ ସ୍ଥାନୀୟ କାରିଗର, କମାର, କୁମ୍ଭାର, ବଢ଼େଇ, ମୋଚି ଆଦି ଆସନ୍ତି । ସେମାନେ ନିଜେ ମାଲିକ ଓ ନିଜେ ମଜଦୁର । ଏଣୁ ମଜଦୁର ସଂଘ ସେମାନଙ୍କୁ ବିଶ୍ୱକର୍ମା ସେକ୍ଟର ବୋଲି କହିଲା । କମ୍ୟୁନିଷ୍ଟମାନଙ୍କ ଅକଲ ଗୁଡୁମ ହୋଇଗଲା । ସେମାନେ ପାଠ ପଢ଼ିଥିଲେ, ବିଶ୍ୱରେ ଦୁଇଟି ବର୍ଗ ଅଛନ୍ତି । ଜଣେ ପୁଞ୍ଜିପତି ଓ ଅନ୍ୟଟି ସର୍ବହରା । ସମଗ୍ର ବିଶ୍ୱ ଏହିରି ଦୁଇଟି ବର୍ଗରେ ବିଭକ୍ତ । ତେଣୁ ସେମାନେ କହିଲେ ବିଶ୍ୱକର୍ମା ସେକ୍ଟର ଏକ ଧୂଆଁବାଣ ଓ ଯଥାଶୀଘ୍ର ସମାପ୍ତ ହୋଇଯିବ । ମଜଦୁର ସଂଘର ବାଙ୍ଗାଲୋର ଅଧିବେଶନରେ ଶ୍ରୀ ଦତ୍ତୋପନ୍ତ ଠେଙ୍ଗଡ଼ୀ ଭାଷଣ ଦେଇ କହିଲେ କମ୍ୟୁନିଷ୍ଟ ଦେଶ ରୁଷିଆ ବିଶ୍ୱକର୍ମା ସେକ୍ଟରକୁ ସ୍ୱୀକାର କଲାଣି । ଏ ସଂକ୍ରାନ୍ତରେ House-hold Industries Act 'ଘରୋଇ ଉଦ୍ୟୋଗ ଆଇନ' ସେଠାରେ ପ୍ରଣୟନ ହୋଇସାରିଲାଣି । ଚୀନ, ହଙ୍ଗେରୀ ଆଦି କମ୍ୟୁନିଷ୍ଟ ଦେଶଗୁଡ଼ିକ ମଧ ଏହିରି ସମାନ ଆଇନ ପ୍ରଣୟନ କଲେଣି । ମଜଦୁର ସଂଘର ବିଶ୍ୱକର୍ମା ସେକ୍ଟରକୁ ସେମାନେ ମାନ୍ୟତା ପ୍ରଦାନ କଲେଣି । ଏହା ଶୁଣି ଭାରତର କମ୍ୟୁନିଷ୍ଟମାନେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ମଜଦୁର ସଂଘ ସର୍ବ୍ରଥମେ ଦେଶରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ କରିଥିଲା । କଂଗ୍ରେସ ସରକାରଙ୍କ ଭ୍ରମାତ୍ମକ ଅର୍ଥନୀତି ଯୋଗୁଁ ଦେଶର ସୁନା ବହୁଳ ଭାବେ ୧୯୯୧ ମସିହାରେ ବିଦେଶରେ ବନ୍ଧା ପଡ଼ିଲା । ଆମେରିକାର ଗୋଡ଼ାଣିଆ ସାଜି ଭାରତର ତତ୍କାଳୀନ ସରକାର ବୈଶ୍ୱୀକରଣ ଓ ଉଦାରୀକରଣ ନାଁରେ ପ୍ରଥମେ ଡଙ୍କେଲ ପ୍ରସ୍ତାବ ଓ ପରେ ଡଞ୍ଚଡରେ ସ୍ୱାକ୍ଷର କରିଥିଲା । ଏହା ରାଷ୍ଟ୍ରର ସ୍ୱାର୍ଥବିରୋଧୀ ବୋଲି ମଜଦୁର ସଂଘ କହି ଦେଶସାରା ବିକ୍ଷୋଭ ପ୍ରଦର୍ଶନ କରିଥିଲା । ୧୯୯୩ ଏପ୍ରିଲ ୨୦ ତାରିଖରେ ଲାଲକିଲ୍ଲାଠାରେ ଲକ୍ଷାଧିକ ଶ୍ରମିକ ଏକତ୍ର ହୋଇ ଆନ୍ଦୋଳନ କରିଥିଲେ। ଡଙ୍କେଲ ମନମୋହନ ସିଂହଙ୍କ ଅଙ୍କଲ କହି ବିରୋଧ କରିଥିଲେ । ୨୦୦୧ ଏପ୍ରିଲ ୧୬ ତାରିଖରେ ଡଞ୍ଚଡ ବିରୋଧରେ ବିକ୍ଷୋଭ ଆନ୍ଦୋଳନ ହୋଇଥିଲା ।

୨୦୦୫ ନଭେମ୍ବର ୨୩ ତାରିଖରେ ରାମଲୀଳା ମୈଦାନରେ ଲକ୍ଷାଧିକ ଶ୍ରମିକ ଏକତ୍ର ହୋଇ WTO ବିରୋଧରେ ଆନ୍ଦୋଳନ କରିଥିଲେ । କେବଳ ସେତିକି ନୁହେଁ, ଠେଙ୍ଗଡ଼ୀଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ୱଦେଶୀ ଜାଗରଣ ମଞ୍ଚ ସହିତ ସମ୍ମିଳିତ ହୋଇ ମଜଦୁର ସଂଘ ଆନ୍ଦୋଳନ କରିଆସିଛି । ମଜଦୁର ସଂଘ ପ୍ରତିଷ୍ଠା କାଳରୁ ବାମପନ୍ଥୀ ଶ୍ରମିକ ସଙ୍ଗଠନଗୁଡ଼ିକ ବହୁତ ଉପହାସ ଓ ତାଚ୍ଛଲ୍ୟ କରିଆସୁଥିଲେ । ସେତେବେଳେ ମଜଦୁର ସଂଘରେ କାୟା ବିସ୍ତାର କରିବା ଆରମ୍ଭ କଲା । ସେତେବେଳେ ଠେଙ୍ଗଡ଼ୀଜୀ କହିଥିଲେ କମ୍ୟୁନିଜିମ୍ ଅନ୍ତର୍ବିରୋଧର ବୋଝରେ ଛନ୍ଦିହୋଇ ସମାପ୍ତ ହୋଇଯିବ । ସେତେବେଳେ ମଜଦୁର ସଂଘ ଓ ଠେଙ୍ଗଡ଼ୀଜୀଙ୍କୁ ପାଗଳ ବୋଲି ସମସ୍ତେ କହିଲେ । ତାଙ୍କର ଆକଳନ ସତ୍ୟ ସାବ୍ୟସ୍ତ ହେଲା । କେବଳ ଭାରତରୁ ନୁହେଁ, ପୃଥିବୀରୁ ଏବେ କମ୍ୟୁନିଜିମ୍ ସମାପ୍ତ ହୋଇଯାଇଛି ।

ଭାରତୀୟ ମଜଦୁର ସଂଘର ଦୀର୍ଘ ୭୦ ବର୍ଷର ଯାତ୍ରା ଆଜି ଦେଶର ଶ୍ରମିକ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଏହି କ୍ଷେତ୍ରରେ ବହୁ ଶ୍ରମିକ ଓ କାର୍ଯ୍ୟକର୍ତ୍ତାମାନେ ବହୁ କଷ୍ଟ ଓ ତ୍ୟାଗ କରିଛନ୍ତି । ୧୯୮୪ ମସିହା ଇନ୍ଦୋରର ସର୍ବଭାରତୀୟ ଅଭ୍ୟାସ ବର୍ଗରେ ଠେଙ୍ଗଡ଼ୀଜୀ ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ଏକ ଆବେଗପୂର୍ଣ୍ଣ ପ୍ରଶ୍ନ କରିଥିଲେ । ତାହା ହେଲା ବି.ଏମ୍.ଏସ୍‌ର କାର୍ଯ୍ୟ କରି କେତେଜଣ କାର୍ଯ୍ୟକର୍ତ୍ତା ସହିଦ ହୋଇଛନ୍ତି । ସମସ୍ତ କାର୍ଯ୍ୟକର୍ତ୍ତା ଦେଢ଼ଘଣ୍ଟାଧରି ନାମ ସ୍ମରଣ କଲେ। ପ୍ରାୟ ଶତାଧିକ ଶ୍ରମିକ ଓ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟ ପ୍ରତି ସମର୍ପିତ ହୋଇ ବଳିଦାନ ଦେଇଛନ୍ତି । ମଜଦୁର ସଂଘ ତା'ର ସ୍ଲୋଗାନକୁ ସାକାର କରିଛି। ବି.ଏମ୍.ଏସ୍ କା କ୍ୟା ପହଚାନ- ତ୍ୟାଗ-ତପସ୍ୟା ଔର ବଳିଦାନ ।

ଆଡଭୋକେଟ, ଖଟବିନସାହି, କଟକ
ମୋ-୯୪୩୭୦୧୬୩୮୪

# ଜାତୀୟ ଶିକ୍ଷକ ପୁରସ୍କାରରେ ଓଡିଶାର ଦୁଇ ଶିକ୍ଷକଙ୍କୁ ମିଳିଲା ରାଷ୍ଟ୍ରପତିଙ୍କ ସମ୍ମାନ



କୋରାପୁଟ/ମାଲକାନଗିରି (ଭିଓଭି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ଦିବସ ଉପଲକ୍ଷେ ଦେଶର ମୋଟ୍ ୮୧ ଜଣ ଆଦର୍ଶ ଶିକ୍ଷକଙ୍କୁ ବିଦ୍ୟାଳୟ ଶିକ୍ଷା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଶାର ଦୁଇ ଜଣ ଆଦର୍ଶ ଶିକ୍ଷକ ପୁରସ୍କୃତ ହୋଇଛନ୍ତି।କୋରାପୁଟ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶ ଅଭିନବ ଶିକ୍ଷାଦାନ ପଦ୍ଧତି ଏବଂ ଭାଷା ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ ହୋଇଛନ୍ତି। କଥା ଚିତ୍ର, ମାଇଁ ରିଡିଂ ବୁକ୍ ଏବଂ ମାଇଁ ପିକ୍ଚର ମାଇଁ ଷ୍ଟୋରୀ, ନ୍ୟୁଜ୍ ନେଷ୍ଟ ଏବଂ ମୈ ଭି ସ୍ପିକର ଭଳି ପ୍ରୟାସ ଜରିଆରେ ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ସାକ୍ଷରତା ଏବଂ ଯୋଗାଯୋଗ ଦକ୍ଷତା ବୃଦ୍ଧି କରିପାରିଛନ୍ତି। ସେ ମଧ୍ୟ ମିଲେଟ୍ କ୍ରାନ୍ତି ଅଭିଯାନର ନେତୃତ୍ୱ ନେଇ ନିଜ ବିଦ୍ୟାଳୟରେ ଶ୍ରୀଅନ୍ନ ଜାତୀୟ ଖାଦ୍ୟ ପରଷି ଦେବାରେ ଅଗ୍ରଣୀ ହୋଇପାରିଛନ୍ତି। ତାଙ୍କର ଉଦ୍ୟମ ସ୍ୱାସ୍ଥ୍ୟ, ପୋଷଣ ଏବଂ ସାଂସ୍କୃତିକ ସଚେତନତାକୁ ପ୍ରୋତ୍ସାହିତ କରିଛି। ଏହି ବହୁମୁଖୀ ଅଭ୍ୟାସଗୁଡ଼ିକ ଶିକ୍ଷା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣର ଉଦାହରଣ ଦେଉଛି ଯାହା ଛାତ୍ରଛାତ୍ରୀଙ୍କୁ କେବଳ ଶିକ୍ଷାଗତ ଭାବରେ ନୁହେଁ, ବରଂ ସୃଜନଶୀଳ, ଆତ୍ମବିଶ୍ୱାସୀ ଏବଂ ସାମାଜିକ ସଚେତନ ବ୍ୟକ୍ତିତ୍ୱ ଭାବେ ଗଢ଼ି ତୋଳିବାରେ ସହାୟକ ହେଉଛି।ସେହିପରି ମାଲକାନଗିରି କୋଣ୍ଡେଲ ସରକାରୀ ନୋଡାଲ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣା ନୂତନ ଶିକ୍ଷାଦାନ ଏବଂ ଗୋଷ୍ଠୀ ସହଭାଗିତା ପାଇଁ ପୁରସ୍କୃତ ହୋଇଛନ୍ତି। ତାଙ୍କର ଉଦ୍ୟମ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ଅଂଶଗ୍ରହଣରେ ସୁଧାର ଆଣିଛି। ସେ ବିଦ୍ୟାଳୟ ଏବଂ ସମାଜ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଚତୁରତାର ସହିତ ସୃଜନଶୀଳ, କମ ଖର୍ଚ୍ଚର ପଦ୍ଧତି ବ୍ୟବହାର କରିଛନ୍ତି। ସଚେତନତା ଶୋଭାଯାତ୍ରା, ପଥପ୍ରାନ୍ତ ସଭା, କଣ୍ଢେଇ ନାଚ ଏବଂ ମାସିକ ଭ୍ରାମ୍ୟମାଣ ଗୋଷ୍ଠୀ ପାଠାଗାର ମାଧ୍ୟମରେ ଶ୍ରୀ ରଣା ବିଦ୍ୟାଳୟ ଏବଂ ସମାଜ ମଧ୍ୟରେ ରହିଥିବା ସମ୍ପର୍କକୁ ସୁଦୃଢ଼ କରିଛନ୍ତି। ''ଟକିଂ ୱାଲ୍ସ'' (କଥା କୁହା କାନ୍ଥ) ଏବଂ ''ପଥର ବର୍ଣ୍ଣମାଳା ଏବଂ ସଂଖ୍ୟା ବଗିଚା'' ଭଳି ଉଦ୍ୟମ ଜରିଆରେ ସେ ବିଦ୍ୟାଳୟ ପରିସରକୁ ସମ୍ପୃକ୍ତି ଆଧାରିତ ଶିକ୍ଷାୟତନ କେନ୍ଦ୍ରରେ ପରିଣତ କରିଛନ୍ତି। ତାଙ୍କର ଏହି ଉଦ୍ୟମ ମୌଳିକ ସାକ୍ଷରତା ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶକୁ ପ୍ରୋତ୍ସାହିତ କରିଛି।

## ରାଜନୈତିକ ବ୍ୟାପାର କମିଟିର ବୈଠକ

# ନେତାଙ୍କୁ ଗୁରୁମନ୍ତ୍ର ଦେଲେ ବିଜେଡି ସୁପ୍ରିମୋ



ଭୁବନେଶ୍ୱର,(ଭିଓଭି): ବିଜୁ ଜନତା ଦଳ (ବିଜେଡି) ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ ଦଳର ବରିଷ୍ଠ ନେତାଙ୍କୁ ପରାମର୍ଶ ଦେଇଛନ୍ତି। ନବୀନ ନିବାସରେ ନବୀନଙ୍କ ନେତୃତ୍ୱରେ ରାଜନୈତିକ ବ୍ୟାପାର କମିଟିର ବୈଠକରେ ସେ ଦଳକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ପରେ ପିଏସି ସଦସ୍ୟ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି, ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି କାହାକୁ ସମର୍ଥନ ଦେବ ତାହା ଠିକଣା ସମୟରେ ଜଣାଯିବ। ସେ ସଂକ୍ରାନ୍ତରେ ନବୀନ ନିଷ୍ପତ୍ତି ନେବେ। କମିଟି ସଦସ୍ୟ ନିଜର ମତ ନବୀନଙ୍କୁ ଦେଇଛନ୍ତି। କିପରି ଯୁବ, ଛାତ୍ର ଓ ମହିଳା ସଂଗଠନକୁ ଆହୁରି ସୁଦୃଢ କରାଯିବ, ତୃଣମୂଳସ୍ତରରେ ଦଳକୁ ମଜବୁତ କରାଯିବ ସେଥିପାଇଁ ସୁପ୍ରିମୋ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦଳିତ, ଆଦିବାସୀ, ମହିଳାଙ୍କ ବିରୋଧରେ ଅତ୍ୟାଚାର ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବିଭ୍ରାଟକୁ ଆସନ୍ତା ବିଧାନସଭା ଅଧିବେଶନରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କ ବୈଠକରେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ନିରଂଜନ ପୂଜାରୀ, ସଂଜୟ ଦାସବର୍ମା, ପ୍ରମିଳା ମଲ୍ଲିକ, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଓଁ ସ୍ୱସ୍ତିକ ମିଶ୍ର ଆଇଆଇଟି ମୁମ୍ବାଇରୁ ଟପ୍ପର



ଭୁବନେଶ୍ୱର,(ଭିଓଭି): ଭୁବନେଶ୍ୱର ନିବାସୀ ଓଁ ସ୍ୱସ୍ତିକ ମିଶ୍ର ଆଇଆଇଟି ମୁମ୍ବାଇରୁ ଗଣିତ ଏବଂ ମାଇନର କମ୍ପ୍ୟୁଟର ସାଇନ୍ସରେ ଟପ୍ପର ହୋଇ ଲଣ୍ଡନ ସ୍ଥିତ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଉଚ୍ଚତର ଗବେଷଣା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶ୍ରୀ ମିଶ୍ର ଛାତ୍ର ଜୀବନ ରୁ ଅତ୍ୟନ୍ତ ମେଧାବୀ ଥିଲେ। ଭୁବନେଶ୍ୱର ସ୍ଥିତ ପୋଖରିପୁଟ ଡି ଏ ଭି ସ୍କୁଲ ରୁ ଦଶମ ପାସ କରି ଓଡ଼ିଏମ୍ ରେ ଯୁକ୍ତ ଦୁଇ ବିଜ୍ଞାନ ପଢି ଆଇଆଇଟି ମୁମ୍ବାଇ ରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୨୦୨୨-୨୩, ୨୦୨୩- ୨୪ ରେ ଟପର୍ ହେଇଥିଲେ।୨୦୧୯ ରେ ସେ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା ରେ ବୃତ୍ତି ପାଇଥିଲେ। ଶ୍ରୀ ଓଁ ସ୍ୱସ୍ତିକ କୋଳଥିଆ ନିବାସୀ ଶ୍ରୀ ସୁଶାନ୍ତ କୁମାର ମିଶ୍ର ଓ ଶ୍ରୀମତୀ ପ୍ରଣତି ମିଶ୍ର ଙ୍କ ଏକମାତ୍ର ପୁତ୍ର ଅଟନ୍ତି।

## ମହାନଦୀ ଜଳ ବିବାଦ

# ଅକ୍ଟୋବର ୧୧ ସୁଦ୍ଧା ବୁଝାମଣା କରିବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ



